THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୨୭ ସେପ୍ଟେମ୍ବର ୨୦୨୬

ମନୋରଞ୍ଜନ

ରଶ୍ମିକାଙ୍କ ଭିନ୍ନ ଅବତାର



ସୁନ୍ଦର ତୃପ୍ତିର ଅବସାଦ ନାହିଁ....

## କବିବର ରାଧାନାଥ ରାୟ



## ଦିବ୍ୟ ଜନନୀ ସାରଦା (୯)

ମନୋଜ କୁମାର ମହାପାତ୍ର

# ଅପ୍ରତିରୋଧ ବିଧାନର କ୍ରୂର ଏଷଣା



ପ୍ରକୃତିର ଅପ୍ରତିରୋଧୀ ବିଧାନ- ଯେଉଁଠି ଜନ୍ମ, ସେଇଠି ମୃତ୍ୟୁ। ଯିଏ ଦେହ ଧାରଣ କରେ, ତା'ର ଅବସାନ ନିଶ୍ଚିତ ଘଟେ। ଏଥର ଜୟରାମବାଟିରେ ମା'ଙ୍କର ଅବସ୍ଥାନ କାଳରେ ଘଟିଲା ଦୁଇଟି ଦୁଃଖଦ ଘଟଣା। ୧୮୭୩ ଡିସେମ୍ବର ମାସର ଦ୍ୱିତୀୟାର୍ଦ୍ଧରେ ଶ୍ରୀ ରାମକୃଷ୍ଣଙ୍କର ମଧ୍ୟମ ଜ୍ୟେଷ୍ଠଭ୍ରାତା ରାମେଶ୍ୱରଙ୍କ ଦେହାନ୍ତ ଓ ପରବର୍ତ୍ତୀ ବର୍ଷର ଏପ୍ରିଲ୍ ମାସରେ ମା'ଙ୍କ ପିତା ଶ୍ରୀରାମଚନ୍ଦ୍ର ମୁଖାର୍ଜୀଙ୍କର ବିୟୋଗ। ମୁଖାର୍ଜୀ ପରିବାର ପାଇଁ ଏହା ଥିଲା ଏକ ଦାରୁଣ ଦୁଃଖ। ଏତେ ବଡ଼ ପରିବାରକୁ ଚଳାଇବା ଶ୍ୟାମାସୁନ୍ଦରୀଙ୍କ ପାଇଁ ଅସମ୍ଭବ ହୋଇପଡ଼ିଲା। ଗ୍ରାମର ବାନାର୍ଜୀଙ୍କ ଘରେ ଧାନ କୁଟି କିଛି ଚାଉଳ ଓ ମାଗିଯାଚି କିଛି ପରିବା ଆଣୁଥିଲେ। ଅଭାବ ଅନାଟନ ଦେଖି ପିଲାମାନେ କେଉଁଠି ନା କେଉଁଠି ସମ୍ପର୍କୀୟଙ୍କ ଘରମାନଙ୍କରେ ଯାଇ ଆଶ୍ରୟ ନେଲେ। ଏପରି ସ୍ଥିତି ଦେଖି ମା'ଙ୍କ ହୃଦୟ ଦୁଃଖରେ ଜର୍ଜରିତ ହେଉଥିଲା ଓ ସେ ପୁନର୍ବାର ଫେରିଗଲେ ଦକ୍ଷିଣେଶ୍ୱରକୁ।

ସେଠାରେ ସେ ନହବତରେ ରହି ପୁନଶ୍ଚ ଅମାଶୟ ରୋଗରେ ପୀଡ଼ିତ ହେଲେ। ଔଷଧ ସେବନ ପରେ ମଧ୍ୟ ସେ ଆରୋଗ୍ୟ ଲାଭ କଲେ ନାହିଁ। ସ୍ୱାମୀ ଓ ଶାଶୂଙ୍କ ସେବାରେ ନିଜକୁ ନିୟୋଜିତ କରି ପ୍ରାୟ ଗୋଟିଏ ବର୍ଷ ଦକ୍ଷିଣେଶ୍ୱରରେ ଅତିବାହିତ କଲେ। ୧୯୭୫ରେ ସାମାନ୍ୟ ସୁସ୍ଥ ହେବା ପରେ ମା' ଜୟରାମବାଟି ଅଭିମୁଖେ ଯାତ୍ରା କଲେ। ସେଠାରେ ପୁଣି ଥରେ ଅମାଶୟରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହେଲେ। ବଞ୍ଚିବାର ଆଶା କମିଗଲା। ଏତାଦୃଶ ଭୟଙ୍କର ଗୁରୁତର ସ୍ୱାସ୍ଥ୍ୟାବସ୍ଥା ଖବର ପହଞ୍ଚିଲା ଦକ୍ଷିଣେଶ୍ୱରରେ। ଶ୍ରୀ ରାମକୃଷ୍ଣ ଅତ୍ୟନ୍ତ ଦୁଃଖ ପ୍ରକାଶ କରି ହୃଦୟଙ୍କୁ କହିଲେ- 'ଏହି ଦୁର୍ଲଭ ମାନବ ଜୀବନରେ ସେ କିଛି କରିନପାରି ଏଭଳି ଭାବରେ ଜୀବନ ନିର୍ବାହ କରିବେ। କେବଳ ଯିବାଆସିବା ପାଇଁ କ'ଣ ଏ ସଂସାରକୁ ସେ ଆସିଛନ୍ତି ? ରୋଗଶଯ୍ୟାରେ ରହିଲେ ତାଙ୍କ ଲୀଳା ରଚନାରେ ବିଘ୍ନ ଘଟିବ।' ଉଦ୍‌ବେଗ ପ୍ରକାଶ କରୁଥିଲେ ଶ୍ରୀ ରାମକୃଷ୍ଣ।

ରୋଗାକ୍ରାନ୍ତ ଅବସ୍ଥାରେ ମଧ୍ୟ ମା' ଶୌଚକାମ ପାଇଁ ବାହାରକୁ ଯାଉଥିଲେ। କାଲୁଗେଡ଼େ ପୁଷ୍କରିଣୀ ଜଳରେ ସେ ତାଙ୍କ ଅସ୍ଥି କଙ୍କାଳସାର ଦେହର ପ୍ରତିବିମ୍ବକୁ ଦେଖି ଭାବିଲେ- 'ଏଇଟା ମୋ ଶରୀର ! ଏଇ ତୁଚ୍ଛ ଦେହ ପାଇଁ ମୋର ଏତେ ଉଦ୍‌ବେଗ କାହିଁକି ? ଏହି ଦେହଟା ଏମିତି ପଡ଼ିଥାଉ। ମୁଁ ଏଥିରୁ ବାହାରି ଚାଲିଯିବି।' କାରଣ ଉଚ୍ଚତର ଆଧ୍ୟାତ୍ମିକ ଚେତନାରେ ସେ ଥିଲେ ଅଗ୍ରଣୀ। ଯେଉଁ ବୃହତ୍ତର ଲକ୍ଷ୍ୟ ନେଇ ସେ ମାନବୀ ରୂପରେ ଅବତୀର୍ଣ୍ଣ ତାହା ଅସମ୍ପୂର୍ଣ୍ଣ ହୋଇ ରହିଯିବ। ଶେଷରେ ଅନୁଜ ଉମେଶଙ୍କ ପରାମର୍ଶରେ ସିଂହବାହିନୀ ଦେବୀଙ୍କ ସମ୍ମୁଖରେ ପୂର୍ଣ୍ଣମୀ ରାତିରେ ସେ ଅଧିଆ ପଡ଼ିଲେ। ଚକ୍ଷୁରୁ ବହମାନ ହେଉଥିଲା ଅବିଶ୍ରାନ୍ତ ଅଶ୍ରୁ। ଲୋଟିଗଲେ ମନ୍ଦିର ପ୍ରାଙ୍ଗଣରେ। ଆକୁଳ ପ୍ରାର୍ଥନା କଲେ। ଏଥିରେ ମା' ସନ୍ତୁଷ୍ଟ ହୋଇ ଏକ ୧୨-୧୩ ବର୍ଷୀୟା କୁମାରୀ କନ୍ୟା ଭାବରେ ଆବିର୍ଭାବ ହୋଇ ଶ୍ୟାମାସୁନ୍ଦରୀ ଦେବୀଙ୍କୁ ଶୀଘ୍ର ଯାଇ ତୁମ କନ୍ୟାକୁ ଉଠାଇ ଘରକୁ ନେଇଆସିବା ପାଇଁ ଆଦେଶ ଦେଲେ। ଲାଉ ଫୁଲକୁ ଲବଣ ସହିତ ମିଶାଇ ବାଟି ତା'ର ରସକୁ ଆଖିରେ ବୁନ୍ଦା ବୁନ୍ଦା କରି ପକାଇବା ପାଇଁ କହିଲେ। ଆଖିରେ ଔଷଧ ପକାଇବାରୁ ସବୁତକ ମଇଳା ନିଷ୍କାସିତ ହୋଇ ଚକ୍ଷୁ ନିର୍ମଳ ହୋଇଗଲା। ଦେବୀଙ୍କ ନିର୍ଦ୍ଦେଶିତ ଔଷଧ ସେବନ ଫଳରେ ଦେହରୁ ଫୁଲା ବି କମିଗଲା। ଦେବୀ ସିଂହବାହିନୀଙ୍କ ଖ୍ୟାତି ଚାରିଆଡ଼େ ବ୍ୟାପିବା ସହିତ ତାଙ୍କ ପ୍ରତି ମା'ଙ୍କର ଶ୍ରଦ୍ଧା ଶତଗୁଣରେ ବଢ଼ିଗଲା।

ଏହା ମଧ୍ୟରେ ୧୮୭୫ରେ ଶ୍ରୀ ରାମକୃଷ୍ଣଙ୍କ ଜନନୀ ଚନ୍ଦ୍ରମଣି ଦେବୀ ୮୫ ବର୍ଷ ବୟସରେ ଇହଲୀଳା ସମ୍ବରଣ କଲେ। ଶ୍ରୀ ରାମକୃଷ୍ଣ ତାଙ୍କୁ ପୁଣ୍ୟତୋୟା ଗଙ୍ଗା କୂଳକୁ ନେଇ ପୁଷ୍ପ, ଚନ୍ଦନ ଓ ତୁଳସୀ ଥାପି ଶେଷ ବିଦାୟ ଦେଲେ। ମା' ସେତେବେଳେ ଅବସ୍ଥାନ କରୁଥିଲେ ଜୟରାମବାଟିରେ। ଶାଶୂଙ୍କ ନିଧନ ଖବର ତାଙ୍କୁ ମର୍ମାହତ କଲା। ଶେଷ ସମୟରେ ତାଙ୍କ ସେବା କରିନଥିବାରୁ ସେ ଅବସୋସ କଲେ। ବିଧାତାର ଅପ୍ରତିରୋଧ ବିଧାନରେ ଏଷଣା ରହିଛି ବୋଲି ମଣିଷ ବୁଝିପାରେ ନାହିଁ। ଶ୍ରୀମା ପୁଣି ଥରେ ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ହେଲେ। ତାଙ୍କର ପ୍ଲୀହା ବଢ଼ିଗଲା। ପ୍ଲୀହାର ଯନ୍ତ୍ରଣାଦାୟକ ଚିକିତ୍ସା ପଦ୍ଧତିକୁ ସେ ନିରବରେ ଶୋଇ ରହି ସହ୍ୟ କଲେ। ଏହି ଚିକିତ୍ସା ଫଳରେ ପ୍ଲୀହା ସଂକୁଚିତ ହେଲା ଓ ସେ ଆରୋଗ୍ୟ ଲାଭ କଲେ।

ଅଭାବ ଅନାଟନରେ ପରିବାର ସହିତ ମା' ପୀଡ଼ିତ ଥିଲେ ମଧ୍ୟ ସେ କେବେ ବି ଶ୍ରୀ ରାମକୃଷ୍ଣଙ୍କ ଠାରୁ ସାହାଯ୍ୟ ଭିକ୍ଷା କରିନଥିଲେ। କେବଳ ଦାରିଦ୍ର୍ୟ ନୁହେଁ ତାଙ୍କ ପରିବାର ସାମାଜିକ ଶତ୍ରୁତାର ମଧ୍ୟ ସମ୍ମୁଖୀନ ହୋଇଥିଲା। କାଳୀପୂଜା ସମୟରେ ଗୋଷ୍ଠୀକନ୍ଦଳରେ ପ୍ରଭାବିତ ହୋଇ ପୂଜକ ନବ ମୁଖାର୍ଜୀ ଶ୍ୟାମାସୁନ୍ଦରୀଙ୍କ ଠାରୁ ଅନ୍ନ ଓ ନୈବେଦ୍ୟ ଗ୍ରହଣ କଲେ ନାହିଁ। ନିଦ୍ରାବସ୍ଥାରେ ଏକ ସ୍ୱପ୍ନ ଜରିଆରେ ଦେବୀ ଦ୍ୱାର ସମୀପରେ ଉପବିଷ୍ଟ ହୋଇ ତାଙ୍କୁ କହିଥିଲେ - କାହିଁକି ତୁମେ କାନ୍ଦୁଛ। ମୁଁ କାଳୀ, ଅନ୍ନ ଭକ୍ଷଣ କରୁଛି। ମୁଁ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଜନନୀ। ଜଗଦ୍ଧାତ୍ରୀ ଭାବରେ ମୁଁ ତୁମ ପୂଜା ଗ୍ରହଣ କରିବି ବୋଲି କହି ଅନ୍ତର୍ଦ୍ଧାନ ହୋଇଗଲେ।

ଏହାପରେ ମାଟିରେ ଏକ ମୂର୍ତ୍ତି ନିର୍ମାଣ କରାଗଲା। ପୁତ୍ର ପ୍ରସନ୍ନ ଦକ୍ଷିଣେଶ୍ୱରକୁ ଯାଇ ଶ୍ରୀ ରାମକୃଷ୍ଣଙ୍କୁ ନିମନ୍ତ୍ରଣ କରିବାରୁ ସେ କହିଲେ- ବାଃ ମା ଆସିବେ। ତୁମେ ଯାଇ ପୂଜା କାର୍ଯ୍ୟ ସମ୍ପାଦନ କର। ମୁଁ ଏଠାରେ ରହିଲେ ମଧ୍ୟ ସେଠାରେ ଉପସ୍ଥିତ ରହିବି। ତୁମମାନଙ୍କର ମଙ୍ଗଳ ହେଉ।' ଶ୍ରୀମା ଗୋଟିଏ ବର୍ଷ ପୂଜା କରିବା ପରେ ମୁଁ ଆଉ ପୂଜାକର୍ମ ତୁଲାଇ ପାରିବି ନାହିଁ ବୋଲି କହିଲେ। କିନ୍ତୁ ରାତିରେ ମା' ଜଗଦ୍ଧାତ୍ରୀ ତାଙ୍କର ଦୁଇ ସହଚରୀ ଜୟା ଓ ବିଜୟାଙ୍କ ସହିତ ଆବିର୍ଭାବ ହୋଇ କହିଲେ- 'ମୁଁ ଜଗଦ୍ଧାତ୍ରୀ, ତେବେ ଆମେମାନେ କ'ଣ ଚାଲିଯିବୁ।' ସ୍ୱପ୍ନରୁ ଉଠିବା ପରେ ମା' ସବୁକିଛି ବୁଝିଯାଇଥିଲେ। ଏହାପରେ ଦୀର୍ଘ ବାର ବର୍ଷ ଧରି ପରିବାରର ସମସ୍ତ ସଦସ୍ୟଙ୍କ ନାମରେ ଜଗଦ୍ଧାତ୍ରୀ ପୂଜା ଅନୁଷ୍ଠିତ ହେଲା। ପରେ ପୂଜା ବନ୍ଦ କରିବା ପାଇଁ ଚିନ୍ତା କରିବାରୁ ଦେବୀ ସ୍ୱପ୍ନରେ ତାଙ୍କୁ ତିନିବାର ପ୍ରଶ୍ନ କଲେ-ମଧୁ ମୁଖାର୍ଜୀଙ୍କ ମାଈଁ ମୋର ପୂଜାର୍ଚ୍ଚନା କରିବା ପାଇଁ ମନ ବଳାଇଛି, ସେଠାକୁ ଚାଲିଯିବି କି ? ତାଙ୍କ ନିଷ୍ପତ୍ତି ପାଇବା ମାତ୍ରେ ଦେବୀ ଚାଲିଯିବେ ତେଣୁ ମା' ବିନୟ ହୋଇ କହିଉଠିଲେ- 'ମୁଁ ଆପଣଙ୍କୁ ପ୍ରତି ବର୍ଷ ପୂଜା କରିବି।' ପରବର୍ତ୍ତୀ କାଳରେ ମା' ସାଢ଼େ ତିନି ଏକର ଜମି କିଣି ଏକ ଟ୍ରଷ୍ଟ ଗଠନ କଲେ ଓ ଜମିରୁ ଉପାର୍ଜିତ ଧନ ରାଶିରେ ଦେବୀଙ୍କ ପୂଜା ଅନୁଷ୍ଠିତ ହେଉଥିଲା। ଆଜି ମଧ୍ୟ ମହାଆଡ଼ମ୍ବରରେ ମା' ଜଗଦ୍ଧାତ୍ରୀଙ୍କ ପୂଜା ସେଠାରେ ଅନୁଷ୍ଠିତ ହେଉଛି। (କ୍ରମଶଃ)

ମୋ-୯୯୩୭୨୯୭୦୩୯

# 'ରାମ, ଲକ୍ଷ୍ମଣ, ଶତ୍ରୁଘ୍ନ ... ଭରତ ତୁଲେ ଚାରି ଜଣ'

ଡାକ୍ତର ଦିଲ୍ଲୀପ କୁମାର ମହାରଣା

ବ୍ୟାସଦେବକୃତ ସଂସ୍କୃତ ଶ୍ରୀମଦ୍ ଭାଗବତର ନବମ ସ୍କନ୍ଧ, ଦଶମ ଅଧ୍ୟାୟରେ ଶ୍ରୀରାମଚରିତ ବର୍ଣ୍ଣିତ ହୋଇଛି। ଏହା ରଘୁବଂଶର ବୃତ୍ତାନ୍ତ। କାରଣ ଶ୍ରୀରାମଙ୍କର ଜନ୍ମ ବିଖ୍ୟାତ ରଘୁବଂଶରେ। ଶ୍ରୀ ଶୁକଦେବ ରାଜା ପରିକ୍ଷିତଙ୍କୁ ଏହି ବୃତ୍ତାନ୍ତ କହିଛନ୍ତି। ତାଙ୍କ ଅନୁସାରେ ଖଟ୍ୱାଙ୍ଗଙ୍କର ପୁତ୍ର ଦୀର୍ଘବାହୁ, ଦୀର୍ଘବାହୁଙ୍କ ପୁତ୍ର ରଘୁ, ରଘୁଙ୍କ ପୁତ୍ର ଅଜ ଏବଂ ଅଜଙ୍କ ପୁତ୍ର ଦଶରଥ। ଏହି ଅଯୋଧ୍ୟାର ରାଜା ଦଶରଥଙ୍କର ପୁତ୍ର ହେଉଛନ୍ତି ଶ୍ରୀରାମ।

ନବମ ସ୍କନ୍ଧ, ଦଶମ ଅଧ୍ୟାୟର ପ୍ରଥମ ଶ୍ଳୋକରେ ଅତି ସଂକ୍ଷେପରେ ଏହି ବଂଶ ବୃତ୍ତାନ୍ତ କହିବା ପରେ, ଦ୍ୱିତୀୟ ଶ୍ଳୋକରେ ଶୁକମୁନି ରାଜା ପରିକ୍ଷିତଙ୍କୁ କହିଛନ୍ତି - 'ଦେବତାଙ୍କର ପ୍ରାର୍ଥନା ଫଳରେ ଭଗବାନ ପୂର୍ଣ୍ଣ ବ୍ରହ୍ମସ୍ୱରୂପ ଶ୍ରୀହରି ନିଜର ଅଂଶାଂଶରେ ଚାରିଟି ରୂପ ଧାରଣ କରି ଦଶରଥଙ୍କର ପୁତ୍ର ରୂପେ ଜନ୍ମ ଗ୍ରହଣ କଲେ। ଏହି ଚାରିଅଂଶ ହେଲେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ।'

ଅତିବଡ଼ି ଜଗନ୍ନାଥ ଦାସ ସୁନ୍ଦର ଓ ସରଳ ନବାକ୍ଷରୀ ଓଡ଼ିଆରେ ବ୍ୟାସଦେବକୃତ ଏହି ସଂସ୍କୃତ ଶ୍ରୀମଦଭାଗବତର ଅନୁସର୍ଜନା କରିଛନ୍ତି। ଏହା ଓଡ଼ିଆ ଭାଗବତ ଭାବରେ ଅତ୍ୟନ୍ତ ଲୋକପ୍ରିୟ। ଏଥିରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଚାରିଭାଇଙ୍କୁ ଚତୁର୍ଦ୍ଧା ରୂପ ବୋଲି ବର୍ଣ୍ଣନା କରାଯାଇଛି। ଜଗନ୍ନାଥ ଦାସ କହିଛନ୍ତି - ଦେବତାମାନଙ୍କର କାର୍ଯ୍ୟ ନିମନ୍ତେ ଦଶରଥଙ୍କ ଘରେ ସେହି ହରି ଦଶରଥଙ୍କର ସନ୍ତାନ ଭାବରେ ଚତୁର୍ଦ୍ଧା ରୂପରେ ଜନ୍ମ ଗ୍ରହଣ କଲେ। ସେହି ଚତୁର୍ଦ୍ଧାରୁ ହେଉଛି 'ରାମ, ଲକ୍ଷ୍ମଣ, ଶତ୍ରୁଘ୍ନ / ଭରତ ତୁଲେ ଚାରି ଜଣ।' ଶ୍ରୀମଦ୍ ଭାଗବତ୍ ଯେଉଁଥିରେ ଅଠର ହଜାର ଶ୍ଳୋକ ରହିଅଛି ।

ଭଗବାନଙ୍କ ଦ୍ୱାରା ଏହା ରଚିତ ହୋଇଥିବାରୁ ଏହାକୁ ଭାଗବତ କୁହାଯାଏ । ଭାଗବତର ତତ୍ତ୍ୱ ବିଶେଷଭାବେ ଶରୀର ତତ୍ତ୍ୱ, ଜନସଚେତନତା ଏବଂ ସମାଜମଙ୍ଗଳ ଉଦ୍ଦିଷ୍ଟ । ବ୍ୟାସକୃତ ସଂସ୍କୃତ ଭାଗବତରେ ଶୁକମୁନି ରାଜା ପରୀକ୍ଷିତଙ୍କୁ କାହାଣୀ କହିବା ମାଧ୍ୟମରେ ବହୁ ଉପଦେଶ, ପରାମର୍ଶ ଦେଇଛନ୍ତି । ଯାହା ଅତ୍ୟନ୍ତ ସୁନ୍ଦର ଏବଂ ହୃଦୟସ୍ପର୍ଶୀ । ସଂସାରର ରୀତିନୀତି, ଚାଲିଚଳଣି, ଆଦବକାଇଦା ଆଦି ଏଥିରେ ସ୍ୱତନ୍ତ୍ର ଭାବେ ଉଦାହରଣ ମାଧ୍ୟମରେ ରଚନା କରାଯାଇଛି । ବ୍ୟାସଦେବ ସଂସ୍କୃତ ଭାଷାରେ ରଚନା କରିଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ପକ୍ଷରେ ତାହା ଆବୃତ୍ତ ହୋଇପାରି ନଥିଲା । ପଞ୍ଚସଖା ଯୁଗର ପଣ୍ଡିତ କବି ମହାପୁରୁଷ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ନବାକ୍ଷରୀ ଛନ୍ଦରେ ଅନୁବାଦ କରି ଅମର ହୋଇ ରହିଯାଇଛନ୍ତି ।

ଶିଖରପୁର ଉପରସାହି, କଟକ



## ସୁନ୍ଦର ତୃପ୍ତିର ଅବସାଦ ନାହିଁ....

# କବିବର ରାଧାନାଥ ରାୟ

ନାରାୟଣ ସାମନ୍ତରାୟ



**କବିବର ରାଧାନାଥ ରାୟ ଥିଲେ ଉତ୍କଳ ସାହିତ୍ୟ-ଆକାଶରେ ଏକ ଅମ୍ଳାନ ଜ୍ୟୋତିଷ୍କ। ୧୮୪୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ବାଲେଶ୍ୱର ଜିଲ୍ଲାର କେଦାରପୁର ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଉତ୍କଳ ପ୍ରକୃତି ପ୍ରତି ପ୍ରଗାଢ଼ ପ୍ରେମ, ଉତ୍କଳର ନଦନଦୀ, ଜଙ୍ଗଲ, ପର୍ବତ, ଚିରସବୁଜିମା ଥିଲା ତାଙ୍କ ବଳିଷ୍ଠ ଓ କାଳଜୟୀ ରଚନାର ଅଫୁରନ୍ତ ଉତ୍ସ। ତାଙ୍କର କାବ୍ୟ କବିତାର ଚରିତ୍ର ପାଶ୍ଚାତ୍ୟ ଜଗତର ଚରିତ୍ରମାନଙ୍କର ପ୍ରତିଫଳନ ହୋଇଥିଲେ ମଧ୍ୟ ସେ ପୌରାଣିକ କଥା ବସ୍ତୁର ନଜିରରେ ଉତ୍କଳର ଭୌଗଳିକ, ଐତିହାସିକ ଓ କିମ୍ବଦନ୍ତୀ ପରିପ୍ରେକ୍ଷୀରେ ତାହାକୁ ଜୀବନ୍ତ, ପରିପୁଷ୍ଟ ଓ ଋଦ୍ଧିମନ୍ତ କରିପାରିଛନ୍ତି।**

'ଉଷା କାବ୍ୟ ରାଧାନାଥଙ୍କ କାଳଜୟୀ ସୃଷ୍ଟି, ଦେବ୍ୟାଭିଶାପରେ ଅଭିଶପ୍ତ ଉଷା ଓ ଜୟନ୍ତଙ୍କ ମର୍ତ୍ତ୍ୟପୁରରେ ଜନ୍ମ, ଉଷାଙ୍କ ବିଷମ ପ୍ରତିଜ୍ଞା ଓ ଜୟନ୍ତଙ୍କ ସହ ବିବାହ ଓ ପରେ ଉଭୟଙ୍କ ମୃତ୍ୟୁ ସେକ୍‌ସପିଅରଙ୍କ ଟ୍ରାଜେଡି (ବୟୋଗାନ୍ତ)ଠାରୁ କୌଣସି ଗୁଣରେ କମ୍ ନୁହେଁ।'

'ପାର୍ବତୀ କାବ୍ୟ ରାଧାନାଥଙ୍କ ଏକ ଅନବଦ୍ୟ ସୃଷ୍ଟି ଗଙ୍ଗେଶ୍ୱରଙ୍କ ରାଜ୍ୟଜୟ ଓ ସବଳର ଦୁର୍ବଳ ଉପରେ ଅତ୍ୟାଚାରର ନଶ୍ୱରତା ଏଥିରେ ପ୍ରତିପାଦିତ ହୋଇଅଛି।

ଯଥା 'ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟଡୋରି
ନିଜ ଭାଗ୍ୟ-ଡୋରି କାଳ ହସ୍ତେ ଏହା
ପକାନ୍ତି ହେଳେ ପାଶୋରି

ପୁନଶ୍ଚ
'ଏ ଭବ ସାଗରେ ସର୍ବଗ୍ରାସୀ କାଳ,
ବାତ୍ୟା ବହେ ଅବିରତ
ଏହା ଜାଣି ଲୋକେ କେଉଁ ଲାଭ ଆଶେ
କଳହେ ହୁଅନ୍ତି ରତ।'

କବିଙ୍କର
'କେହି ରହି ନାହିଁ ରହିବ ନାହିଁଟି
ଭବ ରଙ୍ଗ ଭୂମିତଳେ
ସର୍ବେନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳବଳେ।'

ସଂସାରର କ୍ଷଣ ଉଙ୍ଗୁରତା ବିଷୟରେ ସୂଚାଇ ଦିଏ କବିଙ୍କର 'ଭାଗ୍ୟବାଦ, ମନୁଷ୍ୟର ଗୌଣତ୍ୱ, କାଳଚକ୍ରର ନିଷ୍ଠୁର ଗତି ନିମ୍ନୋକ୍ତ ପଙ୍‌କ୍ତିରେ ଉଲ୍ଲେଖ ହୋଇଅଛି।

'ଭବିତବ୍ୟ ଯାହା ଅବଶ୍ୟ ଘଟିବ
କିଏ ତା' କରିବ ଆନ
କିଏ ଅବା ଏହି ଜ୍ୟୋତିଶ୍ଚକ୍ର ଗତି
ରୋଧିବାକୁ ବଳବାନ୍।

କବି ସର୍ବନିୟନ୍ତା, ସର୍ବଜ୍ଞାତା ଈଶ୍ୱରଙ୍କ ସର୍ବବ୍ୟାପକତା ଓ ସର୍ବ ନିୟାମକ ଭୂମିକାକୁ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି। ଯଥା-

'କାହା ଭାଗ୍ୟ ଗୁରୁ
କାହା ଭାଗ୍ୟ ଲଘୁ
ହେବ ଏ କାଳ ସମରେ
ଅଛି ଏକା ସେହି ବ୍ରହ୍ମାଣ୍ଡ ଠାକୁର
ଅନନ୍ତ ଜ୍ଞାନ ଗୋଚରେ
ସେହି ପାଇଁ ସିନା ଶ୍ରୀହସ୍ତେ ରଖନ୍ତି
ଅଜ୍ଞେୟ ଅଦୃଷ୍ଟ କଞ୍ଚି
ଯା ଭେଦ ନପାଇ ଭାବି ଭାବି ବଣା
ହୁଅନ୍ତି ଶିବ ବିରଞ୍ଚି।'

ନନ୍ଦିକେଶ୍ୱରୀ କାବ୍ୟରେ ଉତ୍କଳର ରାଜରମଣୀର ଦୁଃସାହସିକତା ପ୍ରତିପାଦନ ସହ କବିବର ନ୍ୟାୟ, ଅନ୍ୟାୟ, ରାଜାଙ୍କ କର୍ତ୍ତବ୍ୟ ଓ ରାଜଧର୍ମ ବିଷୟରେ ଗଭୀର ଆଲୋକପାତ କରିଛନ୍ତି।

ସେହିପରି କବିଙ୍କର ଚନ୍ଦ୍ରଭାଗା, କେଦାରଗୌରୀ ଓଡ଼ିଶାର ଯଥାକ୍ରମେ କୋଣାର୍କ ଓ ଭୁବନେଶ୍ୱରର ପୃଷ୍ଠଭୂମିରେ ସଂଗଠିତ। ବିଷୟବସ୍ତୁର ଐତିହାସିକ ସତ୍ୟତା ବିବାଦୀୟ ଓ ଚରିତ୍ରମାନ ପାଶ୍ଚାତ୍ୟ କାବ୍ୟ କବିତାରୁ



ଆନୟନ କରାଯାଇଥିଲେ ମଧ୍ୟ ଏଥିରେ ଥିବା ସାହିତ୍ୟ ପୁନରାବୃତ୍ତି ଓ ଉପମା ଅଳଙ୍କାର କବିଙ୍କ ସୃଜନଶୀଳତାର ପରିଚାୟକ। ଚନ୍ଦ୍ର ଭାଗାରେ-

'ମିଶିଯାଏ ଯଥା ପ୍ରଭାତୀ ତାରା ରବି କିରଣେ
ମିଶିଯାଏ ଯଥା ଜୀବାତ୍ମା ବିଶ୍ୱ ଆତ୍ମା ଚରଣେ
ମିଶିଯାଏ ଯଥା ଚପଳା ନୀଳ ଜଳଦ ଅଙ୍ଗେ
ମିଶିଗଲା ତଥା ଅବଳା ସେହି ନୀଳତରଙ୍ଗେ।'

କବିଙ୍କର ସୁଦୂରପ୍ରସାରୀ କଳ୍ପନା ଓ ବିଶ୍ୱାତ୍ମାଙ୍କ ବ୍ୟାପକତାକୁ ନିଦର୍ଶନ କରାଏ। ସେହିପରି କେଦାର ଗୌରୀରେ ନିଃସ୍ୱାର୍ଥ ପ୍ରେମ ଓ ଉଭୟ କେଦାର ଓ ଗୌରୀଙ୍କ ଆତ୍ମବଳିର କାହାଣୀ ପାଠକ ପାଠିକାଙ୍କ ହୃଦୟରେ ଚିର ଉଦ୍‌ଘୋଷିତ ହୋଇ ରହିବ।

କବି ଥିଲେ ସୌନ୍ଦର୍ଯ୍ୟର ପୂଜାରୀ। ଚିଲିକାର ଅନିର୍ବଚନୀୟ ସୌନ୍ଦର୍ଯ୍ୟର ସେ ଆତ୍ମବିଭୋର ହୋଇପଡ଼ିଥିଲେ। କବିଙ୍କର ଚିଲିକା ବର୍ଣ୍ଣନା ତାଙ୍କର ଶ୍ରେଷ୍ଠ ପ୍ରକୃତି ବର୍ଣ୍ଣନା ମଧ୍ୟରେ ଅନ୍ୟତମ।

ତାଙ୍କର ଲେଖା:

'ଉତ୍କଳ କମଳା ବିଳାସ- ଦିର୍ଘିକା
ମରାଳ ମାଳିନୀ ନିଳାମ୍ବୁ ଚିଲିକା
ଉତ୍କଳର ତୁହି ଚାରୁ ଅଳଙ୍କାର
ଉତ୍କଳ ଭୁବନେ ଶୋଭାର ଭଣ୍ଡାର।'

ମାଧ୍ୟମରେ ସେ ଓଡ଼ିଶାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରିଥିଲେ। କବି ଚିଲିକାର ସୌନ୍ଦର୍ଯ୍ୟ ଦର୍ଶନରେ ଏତେ ଅଭିଭୂତ ହୋଇ ପଡ଼ିଥିଲେ ଯେ, ସେ ଲେଖିଥିଲେ

'ସୁନ୍ଦର ତୃପ୍ତିର ଅବସାଦ ନାହିଁ
ଯେତେ ଦେଖିଲେ ହେଁ ନୂଆ ଦିଶୁଥାଇ।'

'ଚିଲିକା'ରେ କବି ଭୌଗଳିକ ପରିକ୍ରମା ସହ ଓଡ଼ିଶା ଇତିହାସର ସ୍ମୃତି ରୋମନ୍ଥନ କରି ଚିଲିକାର ନୀଳବକ୍ଷରେ ଘଟି ଯାଇଥିବା ଅସୁମାରୀ ଘଟଣାର ଅବତାରଣା କରି, ଯେତେବେଳେ ବିଦାୟ ନେବାକୁ ବସିଲେ, ସେତେବେଳେ ସେ ଶୋକାଭିଭୂତ ହୋଇପଡ଼ିଥିଲେ ଓ କହିଥିଲେ।



'ମାଗୁଛି ଚିଲିକା ମେଲାଣି ତୋ ଠାରେ
ବାହୁଡ଼ିବି ଏବେ ଦାରୁଣ ସଂସାରେ।'

ଚିଲିକାର ସୌନ୍ଦର୍ଯ୍ୟ ଉପଭୋଗ ବଦଳରେ ସଂସାର ଚିନ୍ତା ତାଙ୍କୁ ବିତସ୍ପୃହ କରିଛି। କାରଣ-

'ସଂସାରୀ ସଙ୍ଗତେ ସଙ୍ଗୀ ହେବା ପାଇଁ
କେବେ ହେଁ ମୋହର ମନ ବଳେ ନାହିଁ
ହସି ଖେଳି ସେହୁ ଗମନ୍ତି ସମୟ
ଜୀବନ ମଣନ୍ତି ମହୋତ୍ସବମୟ।'

ପୁନଶ୍ଚ

'ଚିର ହାହାମୟ ଏ ଛାର ଜୀବନ
ଜୀବନ ନୁହଇ ଜୀବନ୍ତ ମରଣ
ଚିରଦିନ ଦୁଃଖ ପ୍ରହାରେ ଜର୍ଜର
ପଟ୍ଟଶିଷ୍ୟ ମୁହିଁ ଦୁଃଖ-ଗୁରୁଙ୍କର।'

କବିଙ୍କର ସୌନ୍ଦର୍ଯ୍ୟବୋଧ, ପ୍ରକୃତି ପ୍ରେମ ଓ ଉତ୍କଳ ଚେତନା ଓ ଓଡ଼ିଶା ଉତ୍କଳର ମହନୀୟତା ପ୍ରତିଫଳିତ ହୋଇଛି 'ଚିଲିକା' କାବ୍ୟରେ-

'ଦେବୀ ବିଣାପାଣି ! କେଉଁ ପାପ ଫଳେ
କରୁଣା ତୋହର ଊଣା ଏ ଉତ୍କଳେ ?'
ପୁନଶ୍ଚ ସ୍ୱଭାବେ ଉତ୍କଳ ଶୋଭାର ନିଧାନ
ମାତ୍ର ଏ ଶୋଭାରେ ତୋର ଅଧିଷ୍ଠାନ-
ବିନୁ ସିନା ମାତା ହୋଇଛି ବିବଶା
ଭଜିଛି ଅରଣ୍ୟ- ପ୍ରସୂନର ଦଶା।

ତୁଳନାତ୍ମକ ଭାବରେ ଉତ୍କଳର ନଦନଦୀ, ହ୍ରଦ, ପର୍ବତ ଚିତାକର୍ଷକ ଓ ସୁରମ୍ୟ ହୋଇଥିଲେ ହେଁ, ଏଗୁଡ଼ିକ ତଦନୁରୂପ ଗୁରୁତ୍ୱ ଲାଭ କରିନାହିଁ। କବିଙ୍କ ଭାଷାରେ

'କ୍ଷୁଦ୍ର-ସିପ୍ରା-ସ୍ରୋତ ବିଖ୍ୟାତ ଜଗତେ
ମହାନଦୀ ନାମ ରହିଲା ଗୁପତେ
ସୁରୂପା ଅଂଶୁପା ଲୋକେ ଅଗୋଚର
ପୂଜାସ୍ପଦ ହେଲା ଗୋଷ୍ପଦ-ପୁଷ୍କର।'

ଏହା କବିଙ୍କ ଉତ୍କଳ ପ୍ରୀତିର ପରିଚୟ ବହନ କରେ। କବିବର ରାଧାନାଥ ସ୍ୱାଭିମାନୀ ଓ ଅଖଣ୍ଡ ଆତ୍ମପ୍ରତ୍ୟୟର ଅଧିକାରୀ ଥିଲେ। ସେ 'ଦରବାର' କାବ୍ୟରେ ସମକାଳୀନ ଶାସନ ବ୍ୟବସ୍ଥା ଉପରେ ଶାଣିତ ବାକ୍ୟ-ବାଣ ପ୍ରୟୋଗ କରି ତୋଷାମୋଦକାରୀଙ୍କୁ ସତର୍କ କରାଇଛନ୍ତି। ତତ୍କାଳୀନ ସମାଜରେ ଅନ୍ୟାୟ, ଅନୀତି, ଭୋଗ ଲାଳସା, ଶୋଷଣ ଓ ଗରିବଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଥିଲେ। ଅଧର୍ମ ମାର୍ଗରୁ ନିବୃତ୍ତ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ।

'ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର-ବାରିଧି
ଧର୍ମ ଏକା ସିନା ମହତ ପଣିଆ
ଆଉ ବଡ଼ପଣ ଅଢ଼େଇ ଦିନିଆ।'

ଉତ୍କଳ ଶେଖର ପଠାଣି ସାମନ୍ତଙ୍କ ପଦକ ଗ୍ରହଣ ଉତ୍ସବରେ ଯୋଗଦାନରେ ସେ ବ୍ୟଥିତ ହୋଇଥିଲେ। କାରଣ ସେ ଥିଲେ ଉତ୍କଳର ଯୋଗ୍ୟପୁତ୍ର ଓ ଦରବାର ଥିଲା ତୋଷାମୋଦକାରୀଙ୍କ ଆଡ୍ଡାସ୍ଥଳୀ। ତେଣୁ-

'ଏ ସମ୍ମାନ-ମାଳା ମାନୁଛିକି ଗଳେ
ବିଶୁଦ୍ଧ ସ୍ୱର୍ଣ୍ଣେ କି ମୁଦ୍ରା ବସେ ଭଲେ।'

ପୁନଶ୍ଚ କବିଙ୍କ କ୍ଷୋଭ ଓ ଉତ୍କଳର ଜାତୀୟତା ଭାବ ନିମ୍ନୋକ୍ତ ପଙ୍‌କ୍ତିରେ ପ୍ରତିପାଦିତ ହୋଇଅଛି।

'ଗୋଦାବରୀ ଠାରୁ ଗଙ୍ଗା ଯାଏ ବ୍ୟାପି
କିର୍ତ୍ତିମାଳା ଯାର ବିରାଜେ ଅଦ୍ୟାପି
ଏକାମ୍ରେ କୋଣାର୍କେ ଯା କୀର୍ତ୍ତି ଭାସ୍କର
ଯୋଗ୍ୟ ପୁତ୍ର ତୁମ୍ଭେ ସେହି ଉତ୍କଳର।'

କବିଙ୍କର ଉତ୍କଳ ଶେଖର ଚନ୍ଦ୍ର ଶେଖରଙ୍କ ପ୍ରତି ଅତୁଟ ସମ୍ମାନ 'ଦରବାର' କାବ୍ୟରେ ଅନୁରଣିତ ହୋଇଅଛି ଓ ଜାତୀୟତା ଭାବ ପାଠକ ହୃଦୟରେ ଉଦ୍‌ଭାସିତ କରାଇ ପାରିଛନ୍ତି।

କବି ଥିଲେ ପୂରୋଦୃଷ୍ଟି ସମ୍ପନ୍ନ। ସମସାମୟିକ ଘଟଣାବଳୀକୁ ଅତିକ୍ରମ କରି ସେ ଭବିଷ୍ୟତର ମାର୍ଗଦର୍ଶନ କରାଇଛନ୍ତି। ଏହା ତାଙ୍କ ଅମିତ୍ରାକ୍ଷର ଛନ୍ଦରେ ରଚିତ 'ମହାଯାତ୍ରା' କାବ୍ୟରେ ପ୍ରତିଫଳିତ ହୋଇଅଛି। ପାଣ୍ଡବମାନଙ୍କ କୁରୁକ୍ଷେତ୍ର ଯୁଦ୍ଧ ପରେ ସାମୟିକ ଶାସନ ଭାର ଗ୍ରହଣ ଓ ପରେ ଦ୍ରୌପଦୀଙ୍କ ସହ ସଂସାର ତ୍ୟାଗ ଓ ସ୍ୱର୍ଗାରୋହଣ ଅବସରରେ କବି ଉତ୍କଳ ଦେଇ ସେମାନଙ୍କ ଯାତ୍ରା ନିଖୁଣ ଭାବରେ ବର୍ଣ୍ଣନା କରିଅଛନ୍ତି। ଉତ୍କଳର ଭୌଗଳିକ ବୈଚିତ୍ର୍ୟ ଓ ସେ ସବୁର ଐତିହାସିକ ତାତ୍ପର୍ଯ୍ୟ ସହ ଅଗ୍ନିଙ୍କ ଯୁଧିଷ୍ଠିରଙ୍କୁ ଭାରତର ସ୍ୱାର୍ଥାନ୍ୱେଷୀ ରାଜାଙ୍କ ମଧ୍ୟରେ କଳହ ଓ ଭାରତର ସ୍ୱାଧୀନତା ବିପନ୍ନ ହେବା ବର୍ଣ୍ଣନା ମାଧ୍ୟମରେ ସେ ଜାତୀୟତା ଭାବ ଉଦ୍ରେକ କରିଥିଲେ।

ସର୍ବୋପରି ରାଧାନାଥଙ୍କ ସାହିତ୍ୟ ଏକ ନୂତନ ଯୁଗର ପ୍ରବର୍ତ୍ତକ। ପୂର୍ବର ଭକ୍ତି ଓ ରୀତି ଯୁଗୀୟ କବିଙ୍କ ପ୍ରଭାବରୁ ସାହିତ୍ୟକୁ ମୁକ୍ତ କରି ସେ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇଥିଲେ। ମଧ୍ୟଯୁଗୀୟ ପଞ୍ଚସଖା ଅତିବଡ଼ି ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ଦାସ ପଞ୍ଚଦଶ ଶତାବ୍ଦୀର ଶେଷ ଭାଗରେ ଓ ଷୋଡ଼ଶ




ଶତାବ୍ଦୀର ପ୍ରଥମାର୍ଦ୍ଧରେ ସ୍ୱ-ଲେଖନୀ ବଳରେ ଓଡ଼ିଶାରେ ଭକ୍ତି ରସର ପ୍ଲାବନ ସୃଷ୍ଟି କରିଥିଲେ ଓ ଭକ୍ତ କବି ରୂପେ ଆଖ୍ୟାୟିତ ହୋଇଥିଲେ। ସେହିପରି କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ ସପ୍ତଦଶ ଶତାବ୍ଦୀର ଶେଷ ଭାଗରୁ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ରୀତି ଯୁଗରେ ବା ଭଞ୍ଜୀୟ ଯୁଗରେ ଯେଉଁ କାବ୍ୟ କବିତା ରଚନା କରିଥିଲେ, ତା'ର ଲୋକପ୍ରିୟତା ଲୋକ ହୃଦୟରେ ଅତୁଟ ଥିଲା। ରାଧା-କୃଷ୍ଣଙ୍କ ପ୍ରେମକୁ ଭିତ୍ତିକରି ବୈଷ୍ଣବ କବିମାନେ ସେ ସମୟରେ ଗୀତି କବିତା ରଚନା କରିବାରେ ତତ୍ପର ଥିଲେ। ରାଧାକୃଷ୍ଣଙ୍କ ପ୍ରେମ ପର୍ଯ୍ୟବେସିତ ଗୀତି କବିତାରେ ବୃନ୍ଦାବନ, ଗିରି ଗୌବର୍ଦ୍ଧନ ଓ ଯମୁନା ନଦୀର ଚିତ୍ର ପାଠକର ମନୋରଞ୍ଜନ କରୁଥିଲା। ଓଡ଼ିଆ ରସଲିପ୍ସୁ ପାଠକମାନେ ତାହା ଆସ୍ୱାଦନ କରୁଥିଲେ ଓ ଭକ୍ତି ରସରେ ତଲ୍ଲୀନ ହେଉଥିଲେ।

ଏ ସବୁ ସତ୍ତ୍ୱେ, ଉକ୍ତ କାବ୍ୟ- କବିତାରେ ନଥିଲା, ଓଡ଼ିଶା ତଥା ଓଡ଼ିଆଙ୍କ କଥା। ଓଡ଼ିଶା ଇତିହାସର ଗୌରବ ଗାଥା, ସୁଖ-ଦୁଃଖ, ଜୟ, ପରାଜୟ ସେଥିରେ ନଥିଲା। ଧାର୍ମିକ ମହାନତା ଓ କଳା-ପାଟବତା ସତ୍ତ୍ୱେ ଗୋଟିଏ 'ମୃତପ୍ରାୟ' ଜାତିର ପ୍ରାଣରେ ବଞ୍ଚିବାର ନୂଆ ଉତ୍ସାହ ଉଦ୍ଦୀପନା ସୃଷ୍ଟି କରିବା ଭଳି ଉପାଦାନ ସେଥିରେ ନଥିଲା। ଏହି ଅଭାବ ପ୍ରେରଣା ଦେଲା, ନୂତନ ସାହିତ୍ୟ ସୃଷ୍ଟି ପାଇଁ, ନୂତନ ପିଢ଼ି ପାଇଁ। ଧର୍ମୀୟ ପରିସରରୁ ଦୂରରେ ସେ ଖୋଜିଲେ ନୂତନ ଆଙ୍ଗିକ ଓ ଆତ୍ମିକ ସମ୍ପଦ।

'ଉଷା' କାବ୍ୟର ବୀରାଙ୍ଗନା ନୁରୁ ରାଜଜେମା 'ଉଷା'ର ମୃଗୟା ବର୍ଣ୍ଣନାରେ ଯେଉଁ ବନ ଜଙ୍ଗଲର ବର୍ଣ୍ଣନା କରିଛନ୍ତି, ତାହା ପାଠକର ହୃଦୟସ୍ପର୍ଶୀ ହୋଇ ରହିଛି।

'ଝିଲ୍ଲୀ ଝଙ୍କାରିତ ମହାରଣ୍ୟ ତହିଁ ଥିଲା ସେକାଳେ
ସଦା ସୁଶୀତଳ ନାନା ବନସ୍ପତି ବ୍ରତତୀ ମାଳେ
ମହା ଘୋରବନ ପଶିବାକୁ ଯହିଁ ଡରନ୍ତି କାକ,
ପୁଞ୍ଜିତ ହୋଇଛି ଯେହ୍ନେ କୃଷ୍ଣପକ୍ଷ ଅନ୍ଧାରଯାକ।'

ପୁନଶ୍ଚ-

'ଅଶନ, ଶିଂସପା, କକୁଭ, ତିନ୍ଦୁକ, କୁଟଜ, ଶାଳ
ହରିତକୀ, ନୀପ, ଧାତ୍ରୀ, ବିଭିତକୀ, ଧବ, ପିଆଳ
ଏ ଆଦି ଗହନ ପାଦପେ ଗହଳ ଥିଲା ସେ ସ୍ଥଳୀ
ସରୋଜାଳଙ୍କୃତ ଠାବେ ଠାବେ ଥିଲା ସଜଳ-ଜଳୀ।'

ଏ ସବୁ ବୃକ୍ଷରାଜି ଓଡ଼ିଶାର ଯେ କୌଣସି ଜଙ୍ଗଲର ସମ୍ପଦ ଓ ତାହା ଓଡ଼ିଆ ହୃଦୟସ୍ପର୍ଶୀ ଓ ଓଡ଼ିଶାର ଆତ୍ମିକ ସମ୍ପଦ। ଓଡ଼ିଶାର ଭୂମି ସହିତ ସମ୍ପୃକ୍ତ



ପୁସ୍ତକ ପରିଚୟ




କଥାବସ୍ତୁମାନ ଖଞ୍ଜି ରାଧାନାଥ ଗୋଟିକ ପରେ ଗୋଟିଏ କାବ୍ୟ ରଚନା କରି ଚାଲିଲେ। ଏହା ଓଡ଼ିଶାର ନବ୍ୟ-ଶିକ୍ଷିତଙ୍କ ହୃଦୟସ୍ପର୍ଶୀ ହେଲା। ବିରହ-ମିଳନ ଓ ଶୃଙ୍ଗାରିକ ବର୍ଣ୍ଣନା ପ୍ରତି ଜୋର ନଦେଇ (ରୀତି ଯୁଗୀୟ କବିଙ୍କ ଭଳି) ସେ ନାୟକ-ନାୟିକାଙ୍କ ମାନବୀୟ ଯାତନା ଓ କ୍ରିୟା-କଳାପକୁ ଗୁରୁତ୍ୱ ପ୍ରଦାନ କଲେ।

ରାଧାନାଥ କାବ୍ୟ ଗୁଡ଼ିକୁ ବିୟୋଗାନ୍ତ କରିଛନ୍ତି। ମିଳନର ସମସ୍ତ ସମ୍ଭାବନା ଥିବା ସତ୍ତ୍ୱେ ନାୟକ-ନାୟିକାଙ୍କ ମିଳନ-ଅବସରକୁ ସେ ନିରାଶାରେ ବା ମୃତ୍ୟୁରେ ଅନ୍ତ କରି ପାଠକର ଚିତ୍ତକୁ ଶୋକ ସାଗରକୁ ଠେଲି ଦେଇଛନ୍ତି। ଉଷାର ମୃତ୍ୟୁ ହୋଇଛି ନାୟକଙ୍କ ସ୍ପର୍ଶ ଲାଭ କରି। ନନ୍ଦିକେଶରୀ ଫେରି ଆସିଛି ହତାଶାରେ ଓ କେଦାର ଗୌରୀରେ ସେ ପରି ଦୁଃଖଦ ପରି ସମାପ୍ତି ଘଟିଛି। ରୀତି ଯୁଗୀୟ କାବ୍ୟିକ ପରମ୍ପରା ସୃଷ୍ଟି ନକରିବା କବିଙ୍କ ଲକ୍ଷ୍ୟ ଓ ସେ ଭଞ୍ଜୀୟ ରସସ୍ଫୂର୍ତ୍ତିକୁ ପ୍ରଶୟ ନ ଦେଇ ପାଠକ ମନରେ ଏହା ବିରୁଦ୍ଧରେ ଅଶେଷ ଘୃଣା ଓ ନାରକୀୟ ମନୋଭାବ ସୃଷ୍ଟି କରିଛନ୍ତି। ଯାହା ପାର୍ବତୀ କାବ୍ୟରେ ଦେଖିବାକୁ ମିଳେ।

ପାଠକ ତାଙ୍କ କାବ୍ୟ-କବିତାରେ ଉତ୍କଳ-ପ୍ରକୃତିର ସାକ୍ଷାତ ଲାଭ କଲା ଓ ତାହା ସହ ଉତ୍କଳର ଇତିହାସ ଓ ଐତିହ୍ୟ। ଏପରି ବିସ୍ତୃତ ରୂପାୟନ ତାଙ୍କ ପୂର୍ବରୁ କୌଣସି କବି କରିବାର ନଜିର ନାହିଁ। ଏହାର ଉଦ୍ଦେଶ୍ୟ ଥିଲା, ଉତ୍କଳ ଭାବନା ଓ ଜାତୀୟତାବୋଧ ସୃଷ୍ଟି କରିବା। ଏହି କାବ୍ୟ-କବିତା ମାନ ଉତ୍କଳ ଭାବନା ଓ ଜାତୀୟତାବୋଧରେ ରସାଣିତ ହୋଇ ଏକ ସୁସୁପ୍ତ ଓ ତନ୍ଦ୍ରା ବିଜଡ଼ିତ ଜାତି ମଧ୍ୟରେ ନୂତନ ଜାତି ପ୍ରେମ ଓ ଉତ୍କଳ ପ୍ରୀତିର ବହ୍ନି ପ୍ରଜ୍ୱଳିତ କରିଥିଲା, ଯାହା ପୂର୍ବବର୍ତ୍ତୀ ସାହିତ୍ୟମାନଙ୍କରେ ଥିଲା ଦୁର୍ଲ୍ଲଭ। ଉତ୍କଳର ଭୌଗଳିକ, ଐତିହାସିକ ପୃଷ୍ଠଭୂମିରେ ସେ କାବ୍ୟ ରଚନା କରି ମହେନ୍ଦ୍ରରୁ ମେଘାସନ ଯାଏ ସବୁ ପାହାଡ଼, ନଦନଦୀ, ଜଙ୍ଗଲ, ଦେବପୀଠମାନଙ୍କ ନାମ ସହ ତାତ୍ପର୍ଯ୍ୟ ନିଜ କାବ୍ୟରେ ସ୍ଥାନିତ କରି ସେ ଉତ୍କଳ ପ୍ରୀତି, ଉତ୍କଳ ଜାତୀୟତା ଭାବର ଉନ୍ମେଷ କରିପାରିଛନ୍ତି। ପ୍ରକୃତି ବର୍ଣ୍ଣନା, ସୌନ୍ଦର୍ଯ୍ୟବୋଧ ଓ ବର୍ଣ୍ଣନା ଓ ସର୍ବୋପରି ତତ୍କାଳୀନ ସମାଜର ଅବକ୍ଷୟମୁଖୀ ଗତି ବିରୋଧରେ ବିଦ୍ରୁପ ଓ ସ୍ୱର ଉତ୍ତୋଳନ କରି ସେ ଉତ୍କଳ ସାହିତ୍ୟ ଆକାଶରେ ଚିର ଭାସ୍ୱର ହୋଇ ରହିବେ। ପ୍ରଚଣ୍ଡ ଜ୍ଞାନର ଅଧିକାରୀ, ଇଂରେଜୀ, ବଙ୍ଗଳା ଓ ସଂସ୍କୃତ ସାହିତ୍ୟରେ ଅଗାଧ ପାଣ୍ଡିତ୍ୟ, ଭ୍ରମଣ ଜନିତ ଜ୍ଞାନର ପରିପକ୍ୱ ବିନିଯୋଗ ତାଙ୍କ କାବ୍ୟର ପ୍ରୟୋଗଶାଳାରେ କରି ସେ ଯେଉଁ କାବ୍ୟକବିତା ରଚନା କରିଯାଇଛନ୍ତି, ସେଥିପାଇଁ ସେ ଏ ଜାତିର ଚିର ନମସ୍ୟ ଓ ସ୍ମରଣୀୟ ହୋଇ ରହିବେ।

ମୋ- ୯୯୩୭୩୪୫୪୩୪

# ମନକୁ ଆସିଲା ଯାହା ୮୪

# ଶେଷରେ କେବଳ ଆମେ ହିଁ ଥିବା

ସୌମ୍ୟଶ୍ରୀ ପାଣିଗ୍ରାହୀ



ବାହାଘରକୁ ବେଶ୍ କିଛି ବର୍ଷ ହୋଇଗଲାଣି। ସ୍ୱାମୀ ସ୍ତ୍ରୀ ରହୁଛନ୍ତି ସାଙ୍ଗରେ। ହସଖୁସିରେ କଟିଯାଉଛି ଦିନଗୁଡ଼ିକ। ମଝିରେ ମଝିରେ ଝଗଡ଼ା ବି ହେଉଛି। ଦିନେ ସ୍ତ୍ରୀ ଭାବିଲେ, ସତରେ କ'ଣ ମୋ ବିନା ମୋ ସ୍ୱାମୀ ଖୁସିରେ ରହିପାରିବେ ? ମୁଁ ଯଦି ତାଙ୍କୁ ଛାଡ଼ି ଚାଲିଯାଏ ତାହେଲେ ସେ କ'ଣ କରିବେ ? ସେ ଏକା ଏକା ରହିପାରିବେ ତ..! ବୋଧହୁଏ ତାଙ୍କ ଜୀବନରେ ମୋ ଛଡ଼ା ଆଉ କିଏ ବି ଅଛି.., ସେଇଥିପାଇଁ ସେ ମୋ ଠୁଁ ଆଜିକାଲି ଦୂରେଇ ଦୂରେଇ ରହୁଛନ୍ତି କି.. ? ଏତେ ସବୁ ଚିନ୍ତାକରି ମୁଣ୍ଡ ଗୋଳମାଳ ହେବା ପୂର୍ବରୁ ସ୍ତ୍ରୀ ଜଣକ ଏକ ପରୀକ୍ଷା କରିନେବାକୁ ଭାବିଲେ। ହେଲେ ସିଧାସଳଖ ଏସବୁ କଥା ସ୍ୱାମୀଙ୍କୁ ପଚାରିବେ କେମିତି, ଏୟା ଭାବି ସେ ଏକ ଉପାୟ ପାଞ୍ଚିଲେ।

ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଚିଠିଟିଏ ଲେଖିଲେ। 'ମୁଁ ତୁମ ସହ ରହିରହି କେବଳ ଦୁଃଖ ହିଁ ପାଉଛି। ମୋତେ ଏବେ ସ୍ୱାଧୀନତା ଦରକାର। ନିଜ ମର୍ଜିରେ ବଞ୍ଚିବାକୁ ମୋର ବି ଇଚ୍ଛା। ମୁଁ ଚାଲିଲି ମୋ ବାପ ଘରକୁ। ମୋତେ ଆଉ ଖୋଜିବନି। ମୁଁ ତୁମ ସହ ଆଉ ରହିବାକୁ ଚାହୁଁନାହିଁ..।' ଏତିକି ଲେଖି ସେ ଚିଠିଟିକୁ ଚାରିଚଉଠ ଭାଙ୍ଗ କରି ଦାଣ୍ଡଘର ପଢ଼ା ଟେବୁଲ ଉପରେ ଥୋଇଦେଲେ, ଯେମିତିକି ସ୍ୱାମୀ ଘରକୁ ଫେରିଆସିଲେ ପ୍ରଥମେ ୟା ଉପରେ ହିଁ ନଜର ପଡ଼ିବ। ଏତକ କରିସାରି ସ୍ତ୍ରୀ ଜଣକ ଯାଇ ଶୋଇବା ଘର ଖଟତଳେ ଲୁଚି ବସିଲେ। ମନେ ମନେ ଭାବିଲେ ଆଜି ସ୍ୱାମୀ ଆସିଲେ ଏହି ଚିଠିଟା ପଢ଼ି କ'ଣ ଭାବିବେ, ତାଙ୍କର ପ୍ରତିକ୍ରିୟା କ'ଣ ହେବ ସେ ଖୁସି ହେବେ ନା ଦୁଃଖୀ ହେବେ.. ? ଏତେ ସବୁ ଭାବୁଭାବୁ ସ୍ୱାମୀଙ୍କର ଘରକୁ ଫେରିବା ସମୟ ପାଖେଇ ଆସିଲା। ସ୍ତ୍ରୀ ଜଣକ ଏଣେ ଖଟତଳେ ଲୁଚି ବସିଛନ୍ତି, ସ୍ୱାମୀ ଘରକୁ ଆସିଲେ। କବାଟ ଖୋଲା ଥିଲା। ଘର ଭିତରକୁ ପଶୁପଶୁ ନଜର ପଡିଲା, ଟେବୁଲ ଉପରେ ଥୁଆ ହୋଇଥିବା ଚିଠିଟି ଉପରେ। ସେ ତାକୁ ପଢ଼ିଲେ ଓ ଗୁମ୍ ହୋଇ ବସିରହି କିଛିକ୍ଷଣ ଭାବିଲେ। ତା'ପରେ ସେହି ଚିଠି ପଛରେ କିଛି ଲେଖିଚାଲିଲେ। ଏଥର ସ୍ତ୍ରୀଙ୍କର ଆଶ୍ଚର୍ଯ୍ୟ ହେବାର ପାଳି। ସ୍ୱାମୀ ଜଣକ ପ୍ରଥମେ ମୋବାଇଲ୍‌ରେ ଉଚ୍ଚ ସ୍ୱରରେ ଗୀତ ବଜାଇ କିଛି ସମୟ ନାଚିଲେ ଏବଂ ଫୋନ୍‌ରେ କାହାକୁ କହୁଥିବାର ପତ୍ନୀ ଶୁଣିଲେ, 'ଯାହା ହେଉ ଶେଷରେ ମୋ ରାସ୍ତାରୁ ଗୋଟେ କଣ୍ଟା ହଟିଲା। ମୋ ସ୍ତ୍ରୀ ନାମକ ଗ୍ରହଟି ମୋତେ ଛାଡ଼ି ସବୁଦିନ ପାଇଁ ବାପଘରକୁ ଚାଲିଗଲାଣି। ଏବେ ମୁଁ ମୁକ୍ତ, ସ୍ୱାଧୀନ, ଆଜାଦ୍..!! ତୁମେ ଯେତେ ଶୀଘ୍ର ପାର, ଆମ ଘର ସାମ୍ନା ପାର୍କକୁ ଆସିଯାଅ। ସେଇଠି ବସି ଆମେ ଭବିଷ୍ୟତର ନକ୍ସା ବନେଇବା। ଯୋଜନା କରିବା ଆମ ଆଗାମୀ ଜୀବନ ପାଇଁ..!!' ଏତିକି କହି ସ୍ୱାମୀ ବାହାରିଗଲେ ଘର ଭିତରୁ।

ସ୍ତ୍ରୀ ଯାହା ଭାବୁଥିଲେ, ସେୟା ହିଁ ହେଲା। ସ୍ତ୍ରୀ'ଙ୍କର ସନ୍ଦେହ ସତ ହେଲା। ସେ ଦେଖିଲେ ସ୍ୱାମୀଙ୍କ ମନରେ ତିଳେହେଁ ଦୁଃଖ ନାହିଁ, ସେ ବରଂ ଭାରି ଖୁସି ମନରେ ଗୀତ ଗାଇଗାଇ ଭବିଷ୍ୟତ ଯୋଜନା ବନେଇବାକୁ ବାହାରିଗଲେଣି। ସ୍ତ୍ରୀଙ୍କ ଆଖିରେ ଲୁହ ଜକେଇ ଆସିଲା। ଛଳଛଳ ଆଖିରେ ସେ ଖଟତଳୁ ବାହାରିଲେ। ଥରଥର ହାତରେ ଯାଇ ଚିଠିଟିକୁ ଉଠେଇ ଆଣିଲେ ଟେବୁଲ୍ ଉପରୁ। ମନର କୋହକୁ ଚାପିରଖି ପଢ଼ିଲେ, ସ୍ୱାମୀ କ'ଣ ଲେଖିଛନ୍ତି। ଯାହା ପଢ଼ିଲେ ସେଥିରେ ଛଳଛଳ ଆଖିରୁ ଅମାନିଆ ଲୁହଧାର ବୋହିବାରେ ଲାଗିଲା।

ସେହି ଚିଠି ପଛରେ ଲେଖା ଥିଲା, 'ଆରେ ପାଗିଳୀ, ତୁମେ କ'ଣ ସତରେ ମୋତେ ଛାଡ଼ି ଯାଇପାରିବ କେବେ..??ଶୋଇବାଘର ଖଟତଳେ ଲୁଚିଛ ଯେ, ଗୋଡ଼ ଦୁଇଟା ବାହାରକୁ ଦିଶୁଛି ପରା..!! ତୁମେ ତ' ଠିକ୍ ଭାବେ ଲୁଚି ବି ପାରୁନ..ମୋ ବିନା ଏକାଏକା କୁଆଡ଼େ ଚାଲିଯିବ ବୋଲି ଭାବୁଛ ? ଏକୁଟିଆ ବଞ୍ଚି ପାରିବ ତ'..? ମୁଁ କୁଆଡ଼େ ଯାଉନି ମ, ଏଇ ଆମ ଗଳିମୁଣ୍ଡ ଦୋକାନରୁ ବିସ୍କୁଟ୍ ନେଇକି ଆସୁଛି, ତୁମେ ଗରମା ଗରମ ଚା' ବନେଇ ରଖିଥାଅ..ସାଙ୍ଗହୋଇ ଆମେ ଚା' ପିଇବା..!!'

'ମୋ ଜୀବନର ଖୁସି ତ' ତୁମ ସହ ହିଁ ଅଛି। ମୁଁ ତୁମକୁ ଛାଡ଼ି କେବେ ଯାଇପାରିବି କି..? ଅଧା ଜୀବନ ତ' ବିତିସାରିଲାଣି। ବାକିତକ ଜୀବନ ବି ଏଇମିତି ବିତିଯିବ, ଝଗଡ଼ା କରିକରି ତୁମରି ସାଙ୍ଗରେ। ଶେଷରେ କେବଳ ଆମେ ହିଁ ଥିବା। ତୁମେ ମୋ ସହ ଝଗଡ଼ା କରିବ ମୁଁ ତୁମକୁ ରଗେଇବା ପାଇଁ ଆହୁରି ଅଧିକା ଗାଳି ଦେବି, ଚିଲ୍ଲେଇବି। ଯେତେ ଯାହା ଯିଏ କହିଲେ ବି, ଶେଷରେ କେବଳ ଆମେ ହିଁ ଥିବା ନା..?? ତୁମ ସାଙ୍ଗରେ ମୁଁ ଖୁସି ଅଛି। ଆମ ଭିତରେ ଯେତେ ମନ ଫଟାଫଟି ହେଲେ ବି, ମୁଁ ଜାଣେ ତୁମେ ମୋତେ କେତେ ଭଲ ପାଅ। ଠିକ୍ ସେମିତି ମୁଁ ବି ତୁମକୁ ଖୁବ୍ ଭଲପାଏ। କାହିଁକିନା, ଯେତେ ଝଡ଼ଝଞ୍ଜା ଆସିଲେ ବି, ଆମକୁ ଅଲଗା କରିପାରିବନି। ଶେଷରେ କେବଳ ଆମେ ହିଁ ଥିବା। ଆମେ ପରସ୍ପରକୁ ଗାଳିମନ୍ଦ କରିବା, ଝଗଡ଼ା କରିବା ପୁଣି ବି ମନେଇବା। କିନ୍ତୁ ଶେଷରେ କେବଳ ଆମେ ହିଁ ଥିବା।

ଆଉ ଟିକିଏ ବୁଢ଼ାବୁଢ଼ୀ ହୋଇଗଲେ, ପରସ୍ପରର ଚଷମା କି ଆଶାବାଡି ହଜିଗଲେ ବି ଖୋଜି ଦେବାକୁ କେହି ବାହାର ଲୋକ ଆସିବେନି, କେବଳ ଆମେ ହିଁ ଥିବା ସାଙ୍ଗରେ ଶେଷ ପର୍ଯ୍ୟନ୍ତ। ଲଢ଼େଇ ଝଗଡ଼ା ବି ଆମେ ଦୁହେଁ ହିଁ କରିବା। ଯେବେ ଆଖିରେ ପରଳ ପଡ଼ିଯିବ, କମ୍ ଦେଖାଯିବ, ସେତେବେଳେ ହାତ ଧରାଧରି ହୋଇ ଆମେ ହିଁ ଚାଲିବା। ବୟସ ବଢ଼ିଲେ ରୋଗ ବୈରାଗ ବି ବଢ଼ିବ। ଡାକ୍ତରୀ ରିପୋର୍ଟ ସବୁ ଆସିଲେ, ଆମେ ହିଁ ପରସ୍ପରକୁ ଦେଖାଇବା, ଆଲୋଚନା କରିବା, ଦୁଃଖସୁଖ ହେବା, କାରଣ ଶେଷରେ କେବଳ ଆମେ ହିଁ ଥିବା। ଯେବେ ଆମ ଭିତରୁ କେହି ଜଣେ ମରିଯିବ, ସେବେ ଯାଇ ଆମେ ଅଲଗା ହେବା। ନହେଲେ ପରସ୍ପରର ସବୁ ଦୋଷ ଦୁର୍ଗୁଣକୁ ଦେଖି ମଧ୍ୟ ଅଣଦେଖା କରି ଆମେ ମାଫ୍ କରି ଚାଲିଥିବା, କାରଣ ଶେଷଯାଏଁ କେବଳ ଆମେ ହିଁ ଥିବା। ଆମ ଆଖପାଖରେ ଯେତେ ଲୋକ ଥିଲେ ବି ଆମେ ଦୁହେଁ ପରସ୍ପରକୁ ସବୁବେଳେ ଖୋଜୁଥିବା, ଲୋଡୁଥିବା ଆଉ ଆର ଜଣଙ୍କ ବିନା ନିଜକୁ ଅଧାଅଧୁରା ବୋଲି ଭାବୁଥିବା, କାରଣ ଜୀବନ ଆମକୁ ଯୋଡ଼ି ଦେଇଛି ଯେତେବେଳେ, ଶେଷ ଯାଏଁ କେବଳ ଆମେ ହିଁ ଥିବା..!!'

ଏତକ ପଢ଼ିସାରି ପତ୍ନୀ ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲେ। ସ୍ୱାମୀଙ୍କ ସହ ଲଢ଼ିବାକୁ ତାଙ୍କ ପାଖରେ ଭାଷା ନଥିଲା। ଆଖିରୁ ବହି ଚାଲିଥିଲା ଲୁହ ଅନବରତ। ସ୍ୱାମୀ ତାଙ୍କୁ ଏତେ ଭଲ ପାଆନ୍ତି, ସେ ଆଜି ଜାଣୁଛନ୍ତି। ସେ ହିଁ ଅଯଥାରେ ସ୍ୱାମୀଙ୍କୁ ସନ୍ଦେହ କରୁଥିଲେ। ନିଜ ଉପରେ ତାଙ୍କର ରାଗ ଆସୁଥିଲା। ଧିକ୍କାର କରୁଥିଲେ ସେ ନିଜକୁ। ବୁଝାମଣାର ଅଭାବରୁ ଆଜି କେତେ ବଡ଼ ଭୁଲ୍‌ଟାଏ କରିବସୁଥିଲେ। ସ୍ନେହ, ପ୍ରେମ ଓ ବିଶ୍ୱାସରେ ତାଙ୍କ ଜୀବନକୁ ଭରି ଦେଇଥିବା ସ୍ୱାମୀଙ୍କୁ, ସେ କେତେ ଖରାପ ଭାବୁଥିଲେ। ନିଜ ନଜରରେ ସେ ଧୀରେ ଧୀରେ ତଳକୁ ଖସି ଚାଲିଥିଲେ। ସ୍ୱାମୀଙ୍କ ବିସ୍କୁଟ୍ ନେଇ ଫେରିବାର ସମୟ ପାଖେଇ ଆସିଲାଣି ବୋଲି ଜାଣି,

ସେ ଚାହା ବନେଇବାକୁ ରୋଷେଇ ଘରକୁ ଚାଲିଗଲେ ଲୁହ ପୋଛିଦେଇ।

ଇଏ ତ ଥିଲା ସେହି ସ୍ୱାମୀ ସ୍ତ୍ରୀ'ଙ୍କ କଥା। ଊଣା ଅଧିକେ ଏବେ ସବୁ ଘରର ଅବସ୍ଥା ପ୍ରାୟ ସେଇଆ। ଅତି ସାମାନ୍ୟ କଥାରେ ଭୁଲ୍ ବୁଝାମଣା ଏବଂ ପରିଣାମ ଛାଡ଼ପତ୍ର ଯାଏ ବି କଥା ଯାଉଛି। ଆମ ପିଢ଼ିର ଅର୍ଦ୍ଧାଧିକ ପରିବାରର ସେହି ସମାନ ଦଶା। ଏଇ ସମସ୍ୟାର କେବଳ ଗୋଟିଏ ଉତ୍ତର, ଶେଷରେ କେବଳ ଆମେ ହିଁ ଥିବା। ସାହିପଡ଼ିଶା, ଭାଇବନ୍ଧୁ, ଜ୍ଞାତିକୁଟୁମ୍ବ ଯିଏ ଯେତେ ନିଜର ହେଲେ ବି, ଅସଲ ସମୟରେ କେହି ପାଖରେ ନଥିବେ, ଶେଷରେ କେବଳ ଆମେ ହିଁ ଥିବା ଜୀବନ ସହ ଲଢ଼ିବାକୁ। ଏଇ କଥାଟା ଯେତେ ସରଳ ଓ ସହଜରେ ଆମେ ବୁଝିଯିବା, ଜୀବନ ବଞ୍ଚିବା ସେତେ ସହଜ ପାଲଟିଯିବ। ସନ୍ଦେହ ଓ ଅବିଶ୍ୱାସର ପାଚେରି ଆରପଟେ ବି ଗୋଟେ ସୁନ୍ଦର ଜୀବନ ଅଛି, ଏତକ କ'ଣ ଆମେ ବୁଝିପାରିବାନି..!! ଯେତେ ଯାହାବି ହୋଇଯାଉ, ଶେଷରେ କେବଳ ଆମେ ହିଁ ଥିବା । ନା କ'ଣ କହୁଛନ୍ତି..!!

ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ମୋ-୭୦୦୮୬୦୧୧୬୧

ଫ୍ୟାସନ୍

# ହେୟାର୍ ଆସେସୋରିଜ୍

ଫେଷ୍ଟିଭ୍ ରତୁରେ ଏଥେନିକ୍ ଲୁକ୍‌କୁ ସତନ୍ତ୍ର ଏବଂ ରୟାଲ୍ ଦେଖାଯିବା ପାଇଁ ସଠିକ୍ ହେୟାର୍ ଆସେସୋରିଜ୍ ଚୟନ କରନ୍ତୁ। ସେଥିପାଇଁ କୁନ୍ଦନ, ମୋତି ଶେଶପାଟି, ଫ୍ଲୋରାଲ୍-ଗଜରା କ୍ଲିପ୍ସ କିମ୍ବା ଗୋଟା-ପଟି ପରନ୍ଦି ଭଳି ସୁନ୍ଦର ସୁନ୍ଦର ହେୟାର୍ ଆସେସୋରିଜ୍‌କୁ ବ୍ୟବହାର କରିପାରିବେ। ଏହି ଟ୍ରେଣ୍ଡି ଆସେସୋରିଜ୍‌ଗୁଡ଼ିକ ଶାଢ଼ି, ଲେହେଙ୍ଗା ଏବଂ ସୁଟ୍ ସହିତ ଲୁକ୍‌କୁ ବହୁତ ସୁନ୍ଦର ଏବଂ ଆକର୍ଷଣୀୟ କରିଥାଏ। ବଜାରରେ ଅନେକ ପ୍ରକାରର ଆଧୁନିକ ଏବଂ ପାରମ୍ପାରିକ ହେୟାର୍ ଆସେସୋରିଜ୍ ପାଇବେ।

### କୁନ୍ଦନ, ମୋତି ଶେଶପାଟି କିମ୍ବା ମଥାପାଟି

ଆଜିକାଲି ଶେଶପାଟି ବହୁତ ଟ୍ରେଣ୍ଡରେ ରହିଛି। ଏହି ଉତ୍ସବ ରତୁରେ କୁନ୍ଦନ, ମୋତି ଶେଶପାଟି କିମ୍ବା ମଥା ପାଟିକୁ କ୍ୟାରି କରି ଏକ ପାରମ୍ପରିକ ଲୁକ୍ ପାଇପାରିବେ। ଏହାକୁ କେଶରେ ଲଗାଇବା ବହୁତ ସହଜ ଅଟେ। ପୋଲକି, କୁନ୍ଦନ ଏବଂ ସୂକ୍ଷ୍ମ ମୋତିରେ ତିଆରି ଏହି ମଥା ପାଟିକୁ ଖୋଲା କେଶରେ ଲଗାଇଲେ ବହୁତ ସୁନ୍ଦର ଦେଖାଯାଏ। ଏହାକୁ ଶାଢ଼ି, ଲେହେଙ୍ଗା କିମ୍ବା ରାଜପୁତି ପୋଷାକ ସହିତ ଯୋଡ଼ିପାରିବେ। ଏହା କପାଳର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ କରିଥାଏ।

### ଗଜରା ପିନ୍ ଏବଂ ଫ୍ଲୋରାଲ୍ ହେୟାର୍ କ୍ଲିପ୍ସ

ପ୍ରତ୍ୟେକ ମହିଳାଙ୍କ ପ୍ରଥମ ପସନ୍ଦ ହେଉଛି ଫୁଲ ସହିତ ଗଜରା ଲଗାଇବା। ଲୁକ୍‌କୁ ସ୍ୱତନ୍ତ୍ର ଏବଂ ଆକର୍ଷଣୀୟ ଦେଖାଯିବା ପାଇଁ ଆର୍ଟିଫେଶିୟାଲ୍ କିମ୍ବା ଫେବ୍ରିକ୍ ଗଜରା କ୍ଲିପ୍ ବ୍ୟବହାର କରିପାରିବେ। ଏହା





ଆପଣଙ୍କ କେଶର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବ। ଏହାକୁ କିପରି ଷ୍ଟାଇଲ୍ କରିବେ ପ୍ରଥମେ ହାଫ୍-ଅପ୍ ହେୟାର୍‌ଷ୍ଟାଇଲ୍ କିମ୍ବା ଟ୍ରାଡ଼ିସନାଲ୍ ମେସି ବନ୍ ତିଆରି କରି କେଶରେ ଗଜରା କ୍ଲିପ୍ ପ୍ରୟୋଗ କରନ୍ତୁ। ସେହିପରି ଏହାକୁ ବନାରସୀ ଶାଢ଼ି, ଇଣ୍ଡୋ-ୱେଷ୍ଟର୍ଣ୍ଣ ଏବଂ କଞ୍ଜୀବରାମ ଶାଢ଼ି ସହିତ ପେୟାର୍ କରିପାରିବେ। ଏହା ଆପଣଙ୍କୁ ଏକ ଆଧୁନିକ ଓ ଷ୍ଟାଇଲିସ୍ ଲୁକ୍ ଦେବ।

### ଗୋଟା-ପାଟି ଏବଂ ମୋତି ପରାନ୍ଦି

ଫ୍ୟାସନ୍ ଇଣ୍ଡଷ୍ଟ୍ରିରେ ବେଶ୍ ପପୁଲାର୍ ରହିଛି ଏହି ଗୋଟା-ପାଟି ଏବଂ ମୋତି ପରାନ୍ଦି। ଫେଷ୍ଟିଭ୍ ସିଜିନ୍‌ରେ ସୁବର୍ଣ୍ଣ ଲଟକନ୍, ଦର୍ପଣ, ଗୋଟା-ପାଟି ଏବଂ ରଙ୍ଗ ବେରଙ୍ଗ ମୋତି ସହିତ ଟ୍ରେଣ୍ଡି ପରାନ୍ଦି ଟ୍ରେଣ୍ଡରେ ରହିଛି। ଯାହାକୁ ନେଇ ଲୁକ୍‌କୁ ସ୍ୱତନ୍ତ୍ର କରିବା ପାଇଁ ଗୋଟା-ପାଟି ଏବଂ ମୋତି ପରାନ୍ଦି କ୍ୟାରି କରିପାରିବେ। କେଶକୁ ତିନି ସ୍ତରୀୟ ବେଣୀ କରି ତଳେ ଭାଗରେ ଲଗାଇ ଲୁକ୍‌କୁ ସଂପୂର୍ଣ୍ଣ କରନ୍ତୁ। ସାଗର ବେଣୀ, ଥ୍ରୀ ଲେୟାର୍ ଗୁନ୍ଥି ବେଣୀ ଏବଂ ଖଜୁର ବେଣୀ ସହିତ ମଧ୍ୟ ଏହାକୁ ଯୋଡ଼ି ପାରିବେ। ଏହାକୁ ଶାରାରା, ପଞ୍ଜାବୀ ସୁଟ୍ କିମ୍ବା ଭାରୀ ଲେହେଙ୍ଗା ଚୋଲି ସହିତ ପେୟାର୍ କରନ୍ତୁ।

ରୋଷେଇ ଘରୁ

# ଭେଜ୍ ଦୋନେ ବିରିୟାନି

ଆବଶ୍ୟକ ସାମଗ୍ରୀ: ଚାଉଳ, ଗାଜର, ଆଳୁ, ଫୁଲକୋବି, ବିନ୍, ଗ୍ରୀନ୍ ମଟର, କଟା ନଡ଼ିଆ, ଦହି, ପିଆଜ, ପୋଦିନା ପତ୍ର, ଧନିଆପତ୍ର, କଞ୍ଚାଲଙ୍କା, ଅଦା, ରସୁଣ, ଗୋଟା ମସଲା- (ଡାଲଚିନି, ଚକ୍ରଫୁଲ, ଲବଙ୍ଗ, ଗୁଜୁରାତି, ତେଜପତ୍ର, ଗୋଲମରିଚ, ଜିରା, ଧନିଆ, ପାନମଧୁରି), ଘିଅ, ଲୁଣ।

ପ୍ରଣାଳୀ: ପ୍ରଥମେ ପରିବାକୁ କାଟି ନେବେ। ଗୋଟିଏ ଗିନାରେ କଟା ହୋଇଥିବା ପରିବା, ଦହି ଏବଂ ଲୁଣ ଦେଇ ମ୍ୟାରିନେଟ୍ କରି ରଖନ୍ତୁ। ସେହିପରି ମସଲା କରିବା ପାଇଁ କଡ଼େଇରେ ଅଳ୍ପ ତେଲ ନେଇ ଧନିଆ, ପାନମଧୁରି, ଜିରା, ଗୋଲମଚିର, ଡାଲଚିନି, ଲବଙ୍ଗ ଏବଂ ଗୁଜୁରାତିକୁ ଭାଜିବେ। ହାଲୁକା ଭାଜି ହେଲେ ସେଥିରେ ଅଦା, ରସୁଣ, ପିଆଜ, ନଡ଼ିଆକୁ ୫ ମିନିଟ୍ ପାଇଁ ଭାଜନ୍ତୁ। ସେଥିରେ କଞ୍ଚାଲଙ୍କା, ଧନିଆପତ୍ର, ପୋଦିନା ପତ୍ରକୁ ମଧ୍ୟ ଭାଜିବେ। ଏହିସବୁ ଥଣ୍ଡା ହେଲା ପରେ ଗ୍ରାଇଣ୍ଡିଂ କରନ୍ତୁ। ପେସର୍ କୁକୁର୍‌ରେ ଘିଅ, ଡାଲଚିନି, ଚକ୍ରଫୁଲ, ଗୁଜୁରାତି, ତେଲପତ୍ର, ଲବଙ୍ଗ, ଜୟିତ୍ରୀକୁ ହାଲୁକା ଭାଜିବା ପରେ ସେଥିରେ କାଟି ରଖିଥିବା ପିଆଜକୁ ବ୍ରାଉନ୍ କଲର୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ସେଥିରେ ଗ୍ରାଇଣ୍ଡିଂ କରି ରଖିଥିବା ମସଲାକୁ ଦେଇ ୪ମିନିଟ୍ କଷନ୍ତୁ। ସେହି ମସଲାରେ ମ୍ୟାରିନେଟ୍ କରି ରଖିଥିବା ପରିବାକୁ ପକାଇ କଷିବେ। ମସଲାରେ ଲୁଣ, ହଳଦି, ପାଣି ଦେଇ ୫ମିନିଟ୍ ଫୁଟିବା ପାଇଁ ଦେବେ। ସେଥିରେ ଭିଜେଇ ରଖିଥିବା ଚାଉଳ ପକାଇ ପେସର୍ କୁକୁରକୁ ବନ୍ଦ କରି ଗ୍ୟାସ୍‌କୁ ଧିମା ଆଞ୍ଚରେ ରଖନ୍ତୁ। ପେସର୍ କୁକୁର ଗୋଟିଏ ସିଟି ଦେବା ପରେ ଗ୍ୟାସ୍ ବନ୍ଦ କରି ଏହାକୁ କିଛି ସମୟ ପାଇଁ ଛାଡ଼ି ଦେବେ। ଶେଷରେ ଏହି ଭେଜ୍ ଦୋନେ ବିରିୟାନିକୁ କଚୁମ୍ବର ସହିତ ଖାଇପାରିବେ।



## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** — ଦିନଟି ଶାନ୍‌ଦାର ରହିବ। ପ୍ରମୋଶନ ହେବ। ଅଟକିଥିବା କାମ ଗତିଶୀଳ ହେବ। ରାଜନୈତିକ-ସାମାଜିକ ଦାୟରାରେ ଲାଭାନ୍ୱିତ ହେବେ। ବୟସ୍କମାନଙ୍କ ସହିତ ସମୟ ଅତିବାହିତ କରିବେ।

**ବୃଷ** — ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ। ଘର ପାଇଁ ସୁଖ-ସୁବିଧା ଜିନିଷ କିଣିବେ। ଗତିବିଧି ଧିମା ରହିବ। ଧୈର୍ଯ୍ୟ ଧରିବାକୁ ପଡ଼ିବ। ଚାକିରି ସ୍ଥିତି ସାମାନ୍ୟ ରହିବ। ମାନସିକ ଶାନ୍ତି ପାଇବେ।

**ମିଥୁନ** — ଖୁସିଭରା ଦିନଟିଏ। ନୂଆ ଚାକିରିର ଅବସର ରହିଛି। ସମ୍ପର୍କରେ ମଧୁରତା ରହିବ। ପଡ଼ୋଶୀଙ୍କ ସହିତ ତାଳମେଳ ରକ୍ଷା କରିବେ। ମିତ୍ରମାନେ ଆର୍ଥିକ ସାହାଯ୍ୟ ମାଗିପାରନ୍ତି।

**କର୍କଟ** — ଦିନଟି ଖାସ୍ ରହିବ। ଦିନଚର୍ଯ୍ୟା ବ୍ୟବସ୍ଥିତ ରଖିବା କାର୍ଯ୍ୟ ପୂରା କରିବେ। ଆଧାତ୍ମ ଓ ଧର୍ମ-କର୍ମରେ ରୁଚି ରହିବ। ସକାରାତ୍ମକ ଉର୍ଜା ପାଇବେ। କାମ ଉପରେ ଫୋକସ୍ କରିବେ।

**ସିଂହ** — ଦିନଟି ଖୁବ୍ ବଢ଼ିଆ ରହିବ। ଅର୍ଥ ଫେରସ୍ତ ପାଇବେ। କାମ ସଂକ୍ରାନ୍ତରେ ମିତ୍ର ଘରକୁ ଆସିପାରନ୍ତି। ବରିଷ୍ଠମାନଙ୍କ ପାଇଁ ମାର୍ଗଦର୍ଶନ ଲାଭଦାୟକ ରହିବ। ରାଜନୈତିକ ସମ୍ପର୍କ ମଜଭୁତ ହେବ।

**କନ୍ୟା** — ଦିନଟି ଠିକ୍‌ଠାକ୍ ବିତିବ। ଅଫିସ୍ ଲୋକଙ୍କ ସହିତ ସମୟ ଅତିବାହିତ କରିବେ। ଭଉଣୀଙ୍କ ସହଯୋଗ ପାଇବେ। ଶିକ୍ଷକମାନଙ୍କ ଠାରୁ ସହାୟତା ନେବେ। ବ୍ୟବସାୟିକ ସଫଳତା ପାଇବେ।

**ତୁଳା** — ପ୍ରମୋଶନ ଦେବାର ଦିନଟିଏ। ପିଲାଙ୍କ ମାର୍ଗଦର୍ଶନ କରେଇବେ। ଫସିଥିବା ଅର୍ଥ ପାଇବା ପାଇଁ ଦିନଟି ଅନୁକୂଳ। ପ୍ରପର୍ଟି କିମ୍ବା ଘର କିଣିପାରନ୍ତି। କମ୍ ପରିଶ୍ରମରେ ସଫଳତା ପାଇବେ।

**ବିଛା** — ସଠିକ୍ ସମୟରେ କାମ ପୂରା ହେବ। ପରିବାର ପାଇଁ ଧନ ଖର୍ଚ୍ଚ କରିବେ। ଆତ୍ମସନ୍ତୋଷ ପାଇବେ। ସମ୍ପର୍କ ମଜଭୁତ ହେବ। ଅନ୍ୟ ଦୃଷ୍ଟିରେ ଆପଣଙ୍କ ଛବି ସୁଧୁରିବ। ଅତିଥିଙ୍କ ଆଗମନ ହେବ।

**ଧନୁ** — ଦିନଟି ଠିକ୍ ଭାବରେ ବିତିବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତ ହେବେ। ଅନୁଭବୀ ବ୍ୟକ୍ତି ମାର୍ଗଦର୍ଶନ କରେଇବେ। ପାରିବାରିକ ସମ୍ପର୍କ ମଜଭୁତ ହେବ। ପ୍ରେମ ବଢ଼ିବ। ନକାରାତ୍ମକ ଚିନ୍ତାଧାରାରୁ ରକ୍ଷା ପାଇବେ।

**ମକର** — ଦିନଟି ଅନୁକୂଳ ରହିବ। ପରିବାରର ସହଯୋଗ ପାଇବେ। ସକାରାତ୍ମକ ଦୃଷ୍ଟିକୋଣ ରହିବ। ପରିସ୍ଥିତି ଆପଣଙ୍କ ପକ୍ଷରେ ରହିବ। ମହିଳାମାନେ ଆପଣଙ୍କ କାମରେ ବ୍ୟସ୍ତ ରହିବେ।

**କୁମ୍ଭ** — ଦିନଟି ଉତ୍ତମ ରହିବ। ପାଠପଢ଼ାରେ ମନ ଲାଗିବ। ଆର୍ଥିକ ସ୍ଥିତି ଅନୁସାରେ ଖର୍ଚ୍ଚ ବଢ଼ିବ। ସାମାଜିକ ଗତିବିଧିରେ ଯୋଗଦାନ ରହିବ। ପରିଚୟ ବି ମିଳିବ। ଫ୍ୟାସନ୍ ଡିଜାଇନିଂରେ ଲାଭ ପାଇବେ।

**ମୀନ** — ନୂଆ ଉମଙ୍ଗରେ ଦିନଟି ଭରି ରହିବ। କାର୍ଯ୍ୟସ୍ଥଳରେ ତାଳମେଳ ରକ୍ଷା କରିବେ। ମାର୍କେଟିଂ ସମ୍ବନ୍ଧୀୟ କାମ ଉପରେ ଧ୍ୟାନ ଦେବେ। ବ୍ୟବସାୟକୁ ସୁଚାରୁ ରୂପେ ଚଳାଇବେ। ଫିଟ୍ ରହିବେ।

ସଂସ୍କୃତି ଓ ଅଧ୍ୟାତ୍ମ

# ଏକାଦଶ ସ୍କନ୍ଧ : ଭକ୍ତିରୁ ଆତ୍ମଜ୍ଞାନ ପର୍ଯ୍ୟନ୍ତ ଏକ ଦିବ୍ୟ ଯାତ୍ରା



**ଶ୍ରୀମଦ୍ ଭାଗବତ ହେଉଛି ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ଏକ ଅମୂଲ୍ୟ ଗ୍ରନ୍ଥ। ଏଥିରେ ଭକ୍ତି, ଜ୍ଞାନ, ବୈରାଗ୍ୟ, କର୍ମ ଓ ଆତ୍ମତତ୍ତ୍ୱର ଯେଉଁ ସମନ୍ୱୟ ଦେଖିବାକୁ ମିଳେ, ତାହା ମାନବଜୀବନକୁ ଏକ ନୂଆ ଦିଗ ଦେଖାଏ। ଭାଗବତର ଏକାଦଶ ସ୍କନ୍ଧ ଏହି ଆଧ୍ୟାତ୍ମିକ ଦର୍ଶନର ଏକ ବିଶେଷ ଗଭୀର ଅଧ୍ୟାୟ। ଶ୍ରୀକୃଷ୍ଣଙ୍କ ଉଦ୍ଧବଙ୍କ ପ୍ରତି ଉପଦେଶ, ଭକ୍ତିର ମହିମା, ମନର ସଂଯମ, ଜ୍ଞାନ ଓ ବୈରାଗ୍ୟର ଆବଶ୍ୟକତା ଏବଂ ଆତ୍ମତତ୍ତ୍ୱର ବ୍ୟାଖ୍ୟା ଏହାକୁ ଏକ ଅଦ୍ୱିତୀୟ ଆଧ୍ୟାତ୍ମିକ ପଥପ୍ରଦର୍ଶକରେ ପରିଣତ କରିଛି।**

## ଉଦ୍ଧବଙ୍କ ପ୍ରତି ଶ୍ରୀକୃଷ୍ଣଙ୍କ ଶେଷ ଉପଦେଶ:



ଦ୍ୱାରକାଲୀଳାର ଅବସାନ ସମୟ ନିକଟତର ହେବାବେଳେ ଉଦ୍ଧବଙ୍କ ମନରେ ଗଭୀର ବିଷାଦ ଓ ଦ୍ୱନ୍ଦ୍ୱ ଜାତ ହୁଏ। ଶ୍ରୀକୃଷ୍ଣଙ୍କୁ ଛାଡ଼ି ରହିବା ତାଙ୍କ ପାଇଁ କଳ୍ପନାତୀତ। ଏହି ସମୟରେ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଯେଉଁ ଉପଦେଶ ଦିଅନ୍ତି, ତାହାକୁ ଭାଗବତରେ ଉଦ୍ଧବଗୀତା ଭାବେ ଜଣାଯାଏ।

ଏଠାରେ ଶ୍ରୀକୃଷ୍ଣ କେବଳ ଧାର୍ମିକ ଆଚାର ବିଷୟରେ କହିନାହାନ୍ତି; ବରଂ ମଣିଷ କିପରି ନିଜ ଅନ୍ତରକୁ ଜାଣିବ, କିପରି ମୋହ ଓ ଅହଂକାରରୁ ମୁକ୍ତ ହେବ ଏବଂ କିପରି ପରମ ସତ୍ୟକୁ ଅନୁଭବ କରିବ- ସେହି ଗଭୀର ଜୀବନଦର୍ଶନ ପ୍ରଦାନ କରିଛନ୍ତି।

### ଭକ୍ତି ହେଉଛି ହୃଦୟର ଶୁଦ୍ଧି:

ଏକାଦଶ ସ୍କନ୍ଧର ମୁଖ୍ୟ ଶିକ୍ଷା ହେଉଛି ଭକ୍ତି। ଭକ୍ତି କେବଳ ମନ୍ଦିରକୁ ଯିବା, ପୂଜା କରିବା କିମ୍ବା ଧାର୍ମିକ କ୍ରିୟା ପାଳନ କରିବାରେ ସୀମିତ ନୁହେଁ। ଭଗବାନଙ୍କ ପ୍ରତି ନିଷ୍କାମ ପ୍ରେମ, ତାଙ୍କ ଉପରେ ଅଟଳ ବିଶ୍ୱାସ ଏବଂ ନିଜ କର୍ମକୁ ତାଙ୍କ ଚରଣରେ ସମର୍ପଣ କରିବା ହେଉଛି ଭକ୍ତିର ମୂଳ ସ୍ୱରୂପ। ଭକ୍ତି ହୃଦୟକୁ ନିର୍ମଳ କରେ। ହୃଦୟ ନିର୍ମଳ ହେଲେ ଅହଂକାର, ଈର୍ଷା, ଦ୍ୱେଷ ଓ ଲୋଭ ଧୀରେ ଧୀରେ ଦୂର ହୁଏ। ଏହି ଅନ୍ତରଶୁଦ୍ଧି ହିଁ ମଣିଷକୁ ଭଗବତ୍ ଚେତନାର ନିକଟକୁ ନେଇଯାଏ।

### ଅବଧୂତଙ୍କ ଚବିଶ ଗୁରୁ : ପ୍ରକୃତିରୁ ଜୀବନଶିକ୍ଷା

ଏକାଦଶ ସ୍କନ୍ଧର ଅନ୍ୟତମ ଆକର୍ଷଣୀୟ ଶିକ୍ଷା ହେଉଛି ଅବଧୂତଙ୍କ ଚବିଶ ଗୁରୁଙ୍କ ଉପାଖ୍ୟାନ। ଅବଧୂତ କହିଛନ୍ତି ଯେ ସେ ପ୍ରକୃତି ଓ ଜୀବଜଗତର ବିଭିନ୍ନ ଉପାଦାନରୁ ଜୀବନର ଶିକ୍ଷା ଗ୍ରହଣ କରିଛନ୍ତି।

ପୃଥିବୀଠାରୁ ସହନଶୀଳତା, ପବନଠାରୁ ଅନାସକ୍ତି, ଆକାଶଠାରୁ ନିର୍ଲିପ୍ତତା, ଜଳଠାରୁ ପବିତ୍ରତା ଓ ଅଗ୍ନିଠାରୁ ତେଜସ୍ୱିତାର ଶିକ୍ଷା ମିଳେ। ମହୁମାଛିଠାରୁ ସଞ୍ଚୟର ପରିଣାମ, ପତଙ୍ଗଠାରୁ ଇନ୍ଦ୍ରିୟାସକ୍ତିର ବିପଦ ଏବଂ ହରିଣଠାରୁ ଅତ୍ୟଧିକ ଆସକ୍ତିର ପରିଣାମ ବିଷୟରେ ଶିକ୍ଷା ମିଳେ।

ଏହି ଉପାଖ୍ୟାନର ଗଭୀର ତାତ୍ପର୍ଯ୍ୟ ହେଉଛି-ଶିଖିବା ପାଇଁ ସମଗ୍ର ସୃଷ୍ଟି ହିଁ ଆମର ଗୁରୁ ହୋଇପାରେ। ଯାହାର ମନରେ ଜିଜ୍ଞାସା ଓ ବିବେକ ରହିଛି, ସେ ପ୍ରକୃତିର ପ୍ରତ୍ୟେକ ଘଟଣାରୁ ଜୀବନର ମୂଲ୍ୟବାନ ଶିକ୍ଷା ପାଇପାରେ।

### ମନ ହିଁ ବନ୍ଧନ, ମନ ହିଁ ମୁକ୍ତି

ମଣିଷର ଜୀବନରେ ମନର ଭୂମିକା ଅତ୍ୟନ୍ତ ଗଭୀର। ବାହ୍ୟ ପରିସ୍ଥିତି ଯେତେ ଅନୁକୂଳ କିମ୍ବା ପ୍ରତିକୂଳ ହେଉ, ମଣିଷର ଅନ୍ତରର ଅବସ୍ଥା ତା'ର ଅନୁଭୂତିକୁ ପ୍ରଭାବିତ କରେ।

ବିଷୟବାସନାରେ ଆସକ୍ତ ମନ ମଣିଷକୁ ମୋହରେ ବାନ୍ଧି ରଖେ। ଭଗବତ୍ ଚିନ୍ତନରେ ନିବିଷ୍ଟ ମନ ତାକୁ ଆତ୍ମିକ ଶାନ୍ତିର ଦିଗରେ ନେଇଯାଏ। ତେଣୁ ଆଧ୍ୟାତ୍ମିକ ସାଧନାର ଅର୍ଥ କେବଳ ବାହ୍ୟ ଜଗତରୁ ଦୂରେଇଯିବା ନୁହେଁ; ନିଜ ମନର ଚଞ୍ଚଳତାକୁ ବୁଝି ତାହାକୁ ଭଗବାନଙ୍କ ଚରଣରେ ସମର୍ପିତ କରିବା।

### ସଂସାରରେ ରହି ଅନାସକ୍ତ ହେବା:

ଏକାଦଶ ସ୍କନ୍ଧ ଆମକୁ ସଂସାର ତ୍ୟାଗର ଅର୍ଥକୁ ଏକ ଭିନ୍ନ ଦୃଷ୍ଟିରେ ବୁଝାଏ। ଗୃହ, ପରିବାର, କର୍ମ ଓ ସାମାଜିକ ଦାୟିତ୍ୱକୁ ଛାଡ଼ିଦେବା ହିଁ ବୈରାଗ୍ୟ ନୁହେଁ। ବରଂ ସେସବୁ ମଧ୍ୟରେ ରହି ଅତ୍ୟଧିକ ମୋହ ଓ ଆସକ୍ତିରୁ ମୁକ୍ତ ରହିବା ହିଁ ପ୍ରକୃତ ଅନାସକ୍ତି।

ଧନ ରହୁ, କିନ୍ତୁ ଧନର ଅହଂକାର ନ ରହୁ; ପଦ ରହୁ, କିନ୍ତୁ ପଦର ଗର୍ବ ନ ରହୁ; ପରିବାର ରହୁ, କିନ୍ତୁ ଅତିମୋହ ନ ରହୁ—ଏହି ଜୀବନଦୃଷ୍ଟି ମଣିଷକୁ ଅନ୍ତରରୁ ସ୍ୱାଧୀନ କରେ।

### ସମଦୃଷ୍ଟିରେ ଭଗବାନଙ୍କ ଦର୍ଶନ:

ଭାଗବତର ଆଧ୍ୟାତ୍ମିକ ଦର୍ଶନରେ ପ୍ରତ୍ୟେକ ଜୀବ ପ୍ରତି ସମଭାବ ଏକ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା। ଯେତେବେଳେ ମଣିଷ ସମସ୍ତ ଜୀବରେ ପରମାତ୍ମାଙ୍କ ଅଂଶକୁ ଅନୁଭବ କରେ, ସେତେବେଳେ ତା'ର ମନରୁ ଭେଦଭାବ, ଦ୍ୱେଷ ଓ ଅହଂକାର କ୍ଷୟ ହୁଏ।

ଏହି ଦୃଷ୍ଟି ମଣିଷକୁ କେବଳ ଧାର୍ମିକ କରେ ନାହିଁ, ତାକୁ ମାନବିକ ମଧ୍ୟ କରେ। ଅନ୍ୟର ଦୁଃଖକୁ ନିଜ ଦୁଃଖ ଭାବିବା, ଅନ୍ୟର ସୁଖରେ ଆନନ୍ଦିତ ହେବା ଓ ସମସ୍ତଙ୍କ ପ୍ରତି ଦୟା ରଖିବା ହେଉଛି ଭକ୍ତିର ଜୀବନ୍ତ ପ୍ରକାଶ।

### ଆଜିର ଜୀବନ ପାଇଁ ଏକାଦଶ ସ୍କନ୍ଧର ବାର୍ତ୍ତା

ଆଜିର ଦ୍ରୁତଗତି ଜୀବନରେ ମଣିଷ ସୁବିଧା ବଢ଼ାଇଛି, କିନ୍ତୁ ଅନ୍ତରର ଶାନ୍ତି ସବୁବେଳେ ବଢ଼ିନାହିଁ। ଧନ ଓ ସଫଳତାର ଅନ୍ୱେଷଣରେ ମଣିଷ ଅନେକ ସମୟରେ ନିଜକୁ ହିଁ ଭୁଲିଯାଏ। ଏପରି ସମୟରେ ଏକାଦଶ ସ୍କନ୍ଧର ଶିକ୍ଷା ଆମକୁ ନିଜ ଭିତରକୁ ଫେରିବାକୁ ଆହ୍ୱାନ କରେ।

ନିୟମିତ ଭଗବତ୍ ଚିନ୍ତନ, ସତ୍‌ସଙ୍ଗ, ନାମ ସ୍ମରଣ, ନିଷ୍କାମ କର୍ମ, ଇନ୍ଦ୍ରିୟ ସଂଯମ, ଦୟା, କ୍ଷମା ଓ ସମଦୃଷ୍ଟି-ଏସବୁ ଆଧ୍ୟାତ୍ମିକ ଜୀବନର ସରଳ ପଥ। ମଣିଷ ଯଦି ନିଜ ଜୀବନରେ ଏହି ଗୁଣଗୁଡ଼ିକୁ ଧୀରେ ଧୀରେ ଆଣିପାରେ, ତେବେ ସଂସାର ମଧ୍ୟରେ ରହି ମଧ୍ୟ ଆତ୍ମିକ ଶାନ୍ତି ଅନୁଭବ କରିପାରିବ।

ଏକାଦଶ ସ୍କନ୍ଧ ଆମକୁ ଏକ ଅମୂଲ୍ୟ ଜୀବନବୋଧ ଦିଏ- ଭକ୍ତି ହୃଦୟକୁ ଶୁଦ୍ଧ କରେ, ଜ୍ଞାନ ଅଜ୍ଞାନକୁ ଦୂର କରେ, ବୈରାଗ୍ୟ ମୋହକୁ କ୍ଷୟ କରେ ଏବଂ ଆତ୍ମଜ୍ଞାନ ମଣିଷକୁ ପରମ ଶାନ୍ତିର ପଥ ଦେଖାଏ।

ଜୀବନର ସତ୍ୟ ଉପଲବ୍ଧି ବାହାରେ ନୁହେଁ, ନିଜ ଅନ୍ତରରେ। ଭଗବାନଙ୍କୁ ପାଇବା ପାଇଁ ଦୂରକୁ ଯିବା ଆବଶ୍ୟକ ନୁହେଁ; ନିଜ ହୃଦୟକୁ ନିର୍ମଳ କରିବା ହିଁ ପ୍ରକୃତ ସାଧନା। ସେଥିପାଇଁ ଏକାଦଶ ସ୍କନ୍ଧ କେବଳ ଏକ ପୌରାଣିକ ଅଧ୍ୟାୟ ନୁହେଁ-ଏହା ମଣିଷର ଅନ୍ତରଜଗତକୁ ଆଲୋକିତ କରୁଥିବା ଏକ ଚିରନ୍ତନ ଆଧ୍ୟାତ୍ମିକ ଦୀପଶିଖା।

**ସିତାଂଶୁ ଶେଖର ମିଶ୍ର,ଶାନ୍ତି ନଗର, ସୋନପୁର, ମୋ-୮୧୪୪୮ ୭୦୭୨୯**

ମନୋରଞ୍ଜନ




# ନବାଗତାଙ୍କୁ ନେଇ ‘ପେହଲା ପ୍ୟାର ଦୂସରୀ ବାର’

ପ୍ରେମ ସବୁବେଳେ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । କାହାକୁ କେତେବେଳେ ପ୍ରେମ ହୋଇଯିବ, ଏହା ଜାଣିବା ବି ମୁସ୍କିଲ । ‘ପେହଲା ପ୍ୟାର ଦୂସରୀ ବାର’ ର ଟ୍ରେଲର୍ ସାମ୍ନାକୁ ଆସିବା ପରେ ଏହି କଥାର ପ୍ରତିଫଳନ ଦେଖିବାକୁ ମିଳିଛି । ଏହି ଫିଲ୍ମ ମାଧ୍ୟମରେ ଦର୍ଶକମାନେ ବନ୍ଧୁତା, ପ୍ରଥମ ପ୍ରେମ ଓ ଯୌବନର ସମ୍ପର୍କରେ ଆସୁଥିବା ବିଭିନ୍ନ ରୋମାଞ୍ଚକର ପରିସ୍ଥିତିକୁ ଦେଖିବାକୁ ପାଇବେ ଦର୍ଶକ । ଏହି ଫିଲ୍ମରେ ଅଭିନୟ କରିଥିବା ନବାଗତା କଳାକାରମାନେ ହେଲେ, ସ୍ୱର୍ଣ୍ଣ ଓ୍ୱାଲିଆ, ଅଲିଶା ଚୋପ୍ରା, କୁନାଲ୍ ବୈଦ୍ୟ, ସାକ୍ଷୀ ବୈଦ୍ୟ, ତୁଷାର ଛିବର ଓ ସର୍ଗୁନ୍ କୌର ଲୁଥ୍ରା । ଏଥିରେ ରୋମାନ୍ସ ଏବଂ ବନ୍ଧୁତା ସାଙ୍ଗକୁ ଚରିତ୍ରମାନଙ୍କ ମଧ୍ୟରେ ହାସ୍ୟରସ, ମଜାଳିଆ ସଂଳାପ ଏବଂ ପରସ୍ପରକୁ ଭିଡ଼ି ଧରିବା ଭଳି କାହାଣୀର ପ୍ରତିଫଳନ ହୋଇଛି । ଦର୍ଶକଙ୍କୁ ଏହା ଖୁବ୍ ଛୁଇଁବ ବୋଲି ଆଶା କରାଯାଉଛି, ବିଶେଷକରି ଯୁବଗୋଷ୍ଠୀ ଏହାର ଅଧିକ ମଜା ନେବେ ।

# ଅଲ୍ଲୁ ଅର୍ଜୁନଙ୍କ ରେକର୍ଡ



ଅଲ୍ଲୁ ଅର୍ଜୁନଙ୍କ ପାଇଁ ଆଉ ଏକ ଖୁସି ଖବର । ସେ ଆଉ ଏକ ନୂତନ ରେକର୍ଡ ସୃଷ୍ଟି କରିବାକୁ ଯାଉଛନ୍ତି । ଫିଲ୍ମ ‘ରାକା’ ରିଲିଜ ହେବା ପରେ ଦର୍ଶକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ଗିନିଜ ବୁକ୍ ଅଫ୍ ଓ୍ୱାର୍ଲଡ ରେକର୍ଡରେ ନିଜ ନାମକୁ ସାମିଲ କରବାରେ ଫିଲ୍ମଟି ସଫଳ ହୋଇଛି । ଏହି ରେକର୍ଡଟି ସମ୍ଭବପର ହୋଇଛି ୩୭ ଜଣ କଳାକାରଙ୍କର ରିୟଲ୍-ଟାଇମ୍ ମୋସନ୍ କ୍ୟାପ୍‌ଚର ଜରିଆରେ ଯାହା ଭାରତୀୟ ସିନେମା ଜଗତର ଟେକ୍ନୋଲୋଜି ବ୍ୟବହାର କରି ଦର୍ଶକଙ୍କ ପାଇଁ ଭେଟି ଦିଆଯାଇଛି । ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ଭି ଅରୁଣକୁମାର (ଏଟ୍‌ଲୀ)ନିର୍ଦ୍ଦେଶନା ଦେଇଛନ୍ତି । ଫିଲ୍ମଟି ରିୟଲ୍-ଟାଇମ୍‌ରେ ମୋସନ୍-କ୍ୟାପ୍‌ଚର କରାଯାଇଥିବା ସର୍ବାଧିକ ଲୋକଙ୍କ ଭିୟୁକୁ ଗିନିଜ ବୁକ୍‌ରେ ସ୍ଥାନ ପାଇଛି । ଗିନିଜ ବୁକ୍ ଅଫ୍ ଓ୍ୱାର୍ଲଡ୍ ରେକର୍ଡରେ ଏହି ଫିଲ୍ମଟି ସ୍ଥାନ ପାଇବା ପରେ ଅଲ୍ଲୁ ଅର୍ଜୁନଙ୍କୁ ଆଉ ଏକ ବଡ଼ ସଫଳତା ମିଳିଛି ।



# ରଶ୍ମିକାଙ୍କ ଭିନ୍ନ ଅବତାର

ରଶ୍ମିକାଙ୍କୁ ଦର୍ଶକ ଏଥର ଭିନ୍ନ ରୂପରେ ଦେଖିବାକୁ ପାଇବେ । ଜଣେ ଉଗ୍ରରୂପ, ରଫ୍-ଟଫ୍ ଓ ଆଙ୍ଗ୍ରୀ ଗାର୍ଲ ଭାବରେ ଦେଖିବାକୁ ମିଳିବେ । ଯାହା ନିକଟରେ ରିଲିଜ ହୋଇଥିବା ଟିଜରରୁ ଦେଖିବାକୁ ମିଳିଛି । ନିର୍ମାତାମାନେ ଫିଲ୍ମ ‘ମାଇସା’ର ଟିଜର ଜାରି କରିଦେଇଛନ୍ତି ଯେଉଁଥିରେ ରଶ୍ମିକା ମନ୍ଦାନା ଏକ ଅଲଗା ରୂପ ଓ କେବେ ଦେଖିନଥିବା ଅବତାରରେ ନଜର ଆସୁଛନ୍ତି । ଦେଶର ପ୍ରଥମ ମହିଳା-କୈନ୍ଦ୍ରିକ ପ୍ୟାନ୍ ଇଣ୍ଡିଆ ସିନେମା ପେଶ୍ କରାଯିବା ନେଇ ଏହି ଆକ୍ସନ୍ ଡ୍ରାମାଟି ୨୭ ସେପ୍ଟେମ୍ବରରେ ରିଲିଜ୍ ହେବ । ବହୁପ୍ରତୀକ୍ଷିତ ଏହି ପ୍ୟାନ୍ ଇଣ୍ଡିଆ ଫିଲ୍ମଟିରେ ରଶ୍ମିକା ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି । ଏହି ରୂପରେ ପୂର୍ବରୁ କେବେ ମଧ୍ୟ ସେ ନଜର ଆସି ନଥିଲେ । ଆଗାମୀ ଦିନରେ ରଶ୍ମିକା ପୁଷ୍ପା ୩: ଦ ରାମପେଜ୍, ରାକା ଆଦି ଫିଲ୍ମରେ ନଜର ଆସିବେ । ତେବେ ଫିଲ୍ମରେ ପିତା-ଝିଅର ସମ୍ପର୍କର ଏକ ଶକ୍ତିଶାଳୀ କାହାଣୀ ଦେଖିବାକୁ ମିଳିବ । ଫିଲ୍ମ ‘ସୀତା ରାମନ୍’ରେ ନିଜର କାମ ପାଇଁ ଜଣାଶୁଣା ନିର୍ଦ୍ଦେଶକ ରବିନ୍ଦ୍ର ପୁଲେ ଏହି ଫିଲ୍ମକୁ ଟିକେ ଭିନ୍ନ ଢ଼ଙ୍ଗରେ ମେକିଂ କରିଛନ୍ତି । ଏହା ଆଦିବାସୀ କାହାଣୀ ଉପରେ ଆଧାରିତ ଏକ ଇମୋସନାଲ୍ ଆକ୍ସନ୍ ଥ୍ରୀଲର ।



# ଅମିରଙ୍କ ଡ୍ରିମ୍ ପ୍ରୋଜେକ୍ଟ



ଅମିରଙ୍କ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଡ୍ରିମ ପ୍ରୋଜେକ୍ଟ । ୨୦୦୯ର ଅଲ୍-ଟାଇମ୍ ବ୍ଲକ୍‌ବଷ୍ଟର ଫିଲ୍ମ ‘୩ ଇଡିୟଟ୍ସ’ର ସିକ୍ୱେଲ୍‌ର ସୁଟିଂ ଏପ୍ରିଲ୍ ୨୦୨୭ରୁ ଆରମ୍ଭ ହୋଇପାରେ । ନିର୍ଦ୍ଦେଶକ ରାଜକୁମାର ହିରାନୀ ଏହି ଫିଲ୍ମର ସ୍କ୍ରିନ୍ସ ତିଆରି କରିବା ସହ ସଂଳାପ ଓ କାହାଣୀ ମଧ୍ୟ ଲେଖୁଛନ୍ତି । ଏହି ସିକ୍ୱେଲ୍‌ରେ ଅମିର ଖାନଙ୍କ ସହିତ କରୀନା କପୁର ଖାନ, ଆର ମାଧବନ୍ ଓ ଶରମନ ଯୋଶୀଙ୍କ ପରି କଳାକାରମାନେ ମୁଖ୍ୟ ଷ୍ଟାରକାଷ୍ଟ୍‌ରେ ପୁଣି ଥରେ ସାମିଲ ହେବେ । ନିର୍ଦ୍ଦେଶକ ଏହି ଫିଲ୍ମର ସ୍କ୍ରିପ୍ଟ ରେଡି କଲା ପରେ ଅମୀର ଫାଇନାଲ ସିଟିଂରେ ବସିବେ ଓ ଫିଲ୍ମର ସୁଟିଂ ଆରମ୍ଭ ହେବ । ୨୦୦୯ର ମୂଳ ଫିଲ୍ମର ମୁଖ୍ୟ କଳାକାରମାନଙ୍କୁ ପୁଣି ଥରେ ଏକା ସହିତ ପରଦା ଉପରକୁ ଆଣିବା ପାଇଁ ଯୋଜନା କରାଯାଉଛି । ଏହି ଫିଲ୍ମଟି ପୂର୍ବରୁ ବକ୍ସ ଅଫିସ୍‌ରେ ଅନେକ ହିଟ୍ ସାବ୍ୟସ୍ତ ହୋଇଥିଲା । ବର୍ତ୍ତମାନ ଅମିର, ନିର୍ଦ୍ଦେଶକ ଆଶୁତୋଷ ଗୋଓ୍ୱାରିକରଙ୍କ ସ୍ପୋର୍ଟସ୍-ଡ୍ରାମା ଫିଲ୍ମ ‘ଲଲ୍‌କାର’ର ସୁଟିଂ ପୂରା କରିବେ । ଏ ବର୍ଷ ଅକ୍ଟୋବରରୁ ଆସନ୍ତା ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ଫିଲ୍ମକୁ ନେଇ ବ୍ୟସ୍ତ ରହିବେ ଅମିର ।

# ସହଜରେ ପ୍ରେମରେ ପଡ଼ିଗଲେ ଈଶା

କେବେ କେବେ ପ୍ରେମରେ ପଡ଼ିବା ସହଜ ହୋଇଥାଏ । ଏଥର ଈଶା ପ୍ରେମରେ ପଡ଼ିବେ ହିଁ ପଡ଼ିବେ । ଏହା ସତ ହୋଇ ନପାରେ କିନ୍ତୁ ଫିଲ୍ମର କାହାଣୀକୁ ନେଇ ଏଭଳି ଲେଖାଯାଇଛି ଏହି ଟ୍ୟାଗ ଲାଇନ୍ । ଏଭଳି ଏକ ଇମୋସନାଲ ଟ୍ୟାଗ୍ ଲାଇନ ଥିବା ଫିଲ୍ମ ‘ତୁମ୍ ମେରେ ହୋ’ର ଫାଷ୍ଟଲୁକ୍ ନିକଟରେ ରିଲିଜ ହୋଇ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଚହଳ ପକେଇଛି । ଫିଲ୍ମ ‘ତୁମ୍ ମେରେ ହୋ’ ଜରିଆରେ ବଡ଼ ପରଦାରେ ପ୍ରବେଶ କରିବେ ଈଶା । ଟିଭି ଦୁନିଆର ପ୍ରସିଦ୍ଧ ଅଭିନେତ୍ରୀ ଈଶା ମାଲବୀୟଙ୍କ ପ୍ରଶଂସକମାନଙ୍କ ପାଇଁ ରହିଛି ଏକ ଖୁସି ଖବର । ରିୟଲିଟି ଶୋ’, ଟିଭି ଧାରାବାହିକ ଓ ମ୍ୟୁଜିକ୍ ଭିଡିଓ ପରେ ଈଶା ବଲିଉଡ୍ ଦୁନିଆରେ ପ୍ରବେଶ କରିବାକୁ ଯାଉଛନ୍ତି । ଫିଲ୍ମରେ ଗୁର୍‌ମିତ ଚୌଧରୀ ମୁଖ୍ୟ ଭୂମିକାରେ ଅଭିନୟ କରିବେ । ଯାହା ଅନୁମାନ କରାଯାଉଛି ଯେ ଫିଲ୍ମଟି କେବଳ ଭଲପାଇବାର ଆରମ୍ଭ ନୁହେଁ, ଏହା ପରେ ଆସୁଥିବା ସମ୍ପର୍କ ଓ ଏହାର ଘଟଣାବହୁଳକୁ ନେଇ କାହାଣୀ । ଫିଲ୍ମଟି ୨୩ ଅକ୍ଟୋବରରେ ସିନେମା ଘରଗୁଡ଼ିକରେ ରିଲିଜ ହେବାର ଅଛି । ଈଶାଙ୍କର ଅସଲ ପରିଚୟ ମିଳିଥିଲା ଧାରାବାହିକ ‘ଉଡାରିୟା’ରୁ । ଏହାପରେ ଈଶା ନଜର ଆସିଥିଲେ ‘ବିଗ୍ ବସ୍-୧୭’ରେ । ଅନେକ ମ୍ୟୁଜିକ ଭିଡିଓଜରେ ଈଶା ନଜର ଆସିଥିଲେ ମଧ୍ୟ ସଞ୍ଜୁ ରାଠୋରଙ୍କ ସହିତ ‘ସାକି’ ଗୀତରେ ଖୁବ୍ ଭାଇରାଲ୍ ହୋଇଥିଲେ । ଏହା ବ୍ୟତୀତ ଏଲଭିସ୍ ଯାଦବଙ୍କ ସହିତ ଜଷ୍ଟିନ୍ ବିବର୍ ଓ ଜୁବିନ୍ ନୌଟିୟାଲଙ୍କ ଗୀତ ‘ଜୋର୍ କି ବରସାତ୍ ହୁଇ’ରେ ଅଭିଷେକ ମହ୍ଲାନଙ୍କ ସହିତ ନଜର ଆସିଥିଲେ ।

କ୍ୟାରିଅର

# ନିଜର ଦକ୍ଷତାକୁ ନେଇ ସନ୍ତୁଷ୍ଟ କି !



ଆପଣ ଯଦି କୌଣସି ସଂସ୍ଥାରେ ନିଜର କ୍ୟାରିଅର ଆରମ୍ଭ କରୁଛନ୍ତି, ତା'ହେଲେ ସଂସ୍ଥା ପ୍ରତି ଆନୁଗତ୍ୟ ପ୍ରକାଶ କରିବା ସହିତ ନିଜର ଆତ୍ମବଳକୁ ଦୃଢ଼ କରନ୍ତୁ। ନିଜେ କେଉଁ କ୍ଷେତ୍ରରେ ଅଧିକ ଦକ୍ଷ, କେଉଁକାମ ସହଜରେ ଆପଣଙ୍କ ଦ୍ୱାରା ହୋଇପାରିବ, ସେସବୁ ପ୍ରତି ଧ୍ୟାନ ଦିଅନ୍ତୁ। ଅନେକ ସମୟରେ ଆମର ଦକ୍ଷତା ବାହାରେ ଥିବା କାର୍ଯ୍ୟକୁ ହାତକୁ ନେଇ ଭଲଭାବରେ କରି ପାରି ନଥାଉ। ଫଳରେ ଆମେ ସଂସ୍ଥାରେ ନିଜର ବିଶ୍ୱାସ ହରାଇବା ସହ ଜଣେ ଭଲ କର୍ମଚାରୀ ନୁହେଁ ବୋଲି ପ୍ରମାଣିତ କରିଥାଉ। ଏଣୁ ଯେତେବେଳେ କୌଣସି କାର୍ଯ୍ୟରେ ହାତ ଦେଉଛନ୍ତି କିମ୍ବା ଚାକରି କରୁଛନ୍ତି, ନିଜର ଦକ୍ଷତା ଦେଖି ବିଚାର କରିବା ଦରକାର। ଫାଷ୍ଟ ଇମ୍ପ୍ରେସନ୍ ଲାଷ୍ଟ ଲଙ୍ଗ୍-ଏହି ଫଣ୍ଡାରେ ଆମକୁ କାର୍ଯ୍ୟ କରିବାକୁ ପଡ଼ିବ। ଆମେ ଯଦି ପଦବୀ କିମ୍ବା ଦରମା ଲୋଭରେ ନିଜ ଦକ୍ଷତା ବାହାରେ ଯାଇ କାମ କରିବା, ତାହା ଆମପାଇଁ ଦୀର୍ଘସ୍ଥାୟୀ ନୁହେଁ କିମ୍ବା ଆମେ ସବୁଦିନ ପାଇଁ ସେହି ସ୍ଥାନରେ କାର୍ଯ୍ୟ କରିପାରିବା ନାହିଁ। ଯଦି ଆମର ସେହି ସ୍ଥାନରେ କାର୍ଯ୍ୟ କରିବାର ଆଗ୍ରହ ରହିଛି, ନିଜର ଦକ୍ଷତା ବୃଦ୍ଧି ପାଇଁ ଚେଷ୍ଟା କରିବା ଦରକାର।

# ମୋଲସ୍କ ବା ଶମ୍ବୁକ ଏବଂ ମାଛରେ ଥିବା ବିଷାକ୍ତ ପଦାର୍ଥ

## ଜ୍ଞାନ ବିଜ୍ଞାନ



**ସାଗରିକା ରାଉତ**
ଜିଲ୍ଲା ବିଜ୍ଞାନ ପରିଦର୍ଶିକା, କଟକ

ମାଛ ଏବଂ ମୋଲସ୍କଗୁଡ଼ିକୁ ପୁଷ୍ଟିକର ସାମୁଦ୍ରିକ ଖାଦ୍ୟ ଭାବରେ ଗ୍ରହଣ କରାଯାଏ। ଖାଇବା ଯୋଗ୍ୟ ଶାମୁକା/ଝିନଙ୍କ ମଧ୍ୟରେ ଅନ୍ୟତମ। ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନେ ଓଏଷ୍ଟର ଏବଂ ମସେଲ୍‌ସକୁ ସ୍ୱାଦିଷ୍ଟ ଖାଦ୍ୟ ଭାବରେ ବହୁଳ ଭାବରେ ବ୍ୟବହାର କରନ୍ତି। ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ଗରିବ ଲୋକମାନେ ପ୍ରାୟତଃ ମୋଲସ୍କ ଖାଇଥାନ୍ତି। ଖାଇବା ଯୋଗ୍ୟ ଓଏଷ୍ଟରରେ ପ୍ରଚୁର ପରିମାଣରେ ଗ୍ଲାଇକୋଜେନ୍, ଲିପିଡ୍, ପ୍ରୋଟିନ୍, ଭିଟାମିନ୍ ଏବଂ ଆବଶ୍ୟକୀୟ ଖଣିଜ ପଦାର୍ଥ ଥାଏ।

ବିଷାକ୍ତ ପଦାଥ : ସାକ୍ସିଟୋକ୍ସିନ୍

ଓଏଷ୍ଟର ଏବଂ ମସେଲ୍‌ସକୁ ବହୁତ ସ୍ୱାଦିଷ୍ଟ ଖାଦ୍ୟ ଭାବେ ଗ୍ରହଣ କରାଯାଉଥିଲେ ମଧ୍ୟ ସେଗୁଡ଼ିକରେ କେତେକ ବିଷାକ୍ତ ପଦାର୍ଥ ଥିବା ଦେଖାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି ସାକ୍ସିଟୋକ୍ସିନ୍ ଯାହା ମୁଖ୍ୟତଃ ଓଏଷ୍ଟରରେ ମିଳିଥାଏ। ଏହି ପାରାଲାଇଟିକ୍ ଶେଲଫିସ୍ ବିଷ ଶାମୁକାରେ ମଧ୍ୟ କମ୍ ପରିମାଣରେ ଦେଖାଯାଏ। ଖରାଦିନେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳେ। ଏହାକୁ ଖାଇବା ଦ୍ୱାରା ଓଷ୍ଠ, ଗାଲ, ଆଙ୍ଗୁଠିର ଅଗ୍ରଭାଗ ଏବଂ ଜିଭ କାଲୁଆ ହୋଇଯାଏ। ଏହା ପରେ ନିଦ୍ରାଳୁ ଭାବ, ମୁଣ୍ଡ ବୁଲାଇବା, ଅସ୍ୱଷ୍ଟ କଥାବାର୍ତ୍ତା ଏବଂ ଚାଲିବାରେ ଅସନ୍ତୁଳନ ଦେଖାଯାଏ। କେତେକ ଗମ୍ଭୀର କ୍ଷେତ୍ରରେ ୨ରୁ ୧୨ ଘଣ୍ଟା ମଧ୍ୟରେ ଶ୍ୱାସକ୍ରିୟାରେ ସାହାଯ୍ୟ କରୁଥିବା ମାଂସପେଶୀଗୁଡ଼ିକ ପାରାଲାଇଜ୍ (ଅକାମୀ) ହୋଇଯାଏ ଏବଂ ମୃତ୍ୟୁ ଘଟେ। ଏହାର ମୃତ୍ୟୁହାର ପ୍ରାୟ ୧୦ ପ୍ରତିଶତ ଅଟେ।

ଶେଲଫିସର ଏହି ବିଷାକ୍ତତା ଜଳର ଉପରିଭାଗରେ ପ୍ରଚୁର ପରିମାଣରେ ଥିବା ବିଷାକ୍ତ ଆଲଜି ବା ଡାଇନୋଫ୍ଲାଜେଲେଟ୍ ପ୍ରୋଟୋଜୋଆ ଗ୍ରହଣ କରିବା ଯୋଗୁଁ ହୋଇଥାଏ। ପାଣିରେ ଏହି ଡାଇନୋଫ୍ଲାଜେଲେଟ୍‌ର ଉପସ୍ଥିତି ଦିନବେଳେ ଗାଢ଼ ଲୋହିତ-ଫିକା ରଙ୍ଗ ଏବଂ ରାତିରେ ଆଲୋକ ବିକିରଣ ଦ୍ୱାରା ଜଣାପଡ଼େ।

ସାକ୍ସିଟୋକ୍ସିନ୍ ହେଉଛି ଏପର୍ଯ୍ୟନ୍ତ ଆବିଷ୍କୃତ ସବୁଠାରୁ ବିପଜ୍ଜନକ ବିଷାକ୍ତ ପଦାର୍ଥଗୁଡ଼ିକ ମଧ୍ୟରୁ ଗୋଟିଏ। ଏହା ଗରମ ଏସିଡ୍ କିମ୍ବା ନିଉଟ୍ରାଲ୍ ଦ୍ରବଣରେ ସ୍ଥିର ରହେ। ଏହା ଫୁଟୁଥିବା କ୍ଷାରିୟ ଦ୍ରବଣରେ ନଷ୍ଟ ହୋଇଯାଏ। ଏହା ପାଣିରେ ସହଜରେ ଦ୍ରବୀଭୂତ ହୋଇଯାଏ, ତେଣୁ ପ୍ରଚୁର ବିଶୁଦ୍ଧ ପାଣି ଦ୍ୱାରା ଏହାକୁ ବାହାର କରାଯାଇପାରେ। ସାଧାରଣ ରାନ୍ଧିବା ପ୍ରଣାଳୀ ଦ୍ୱାରା ଏହି ବିଷ ଦୂର ହୋଇପାରେ ନାହିଁ।

ବିଷାକ୍ତ ଡାଇନୋଫ୍ଲାଜେଲେଟ୍ ଥିବା ଦୂଷିତ ପାଣିରୁ ଆସିଥିବା ଶେଲଫିସକୁ ଖରାଦିନେ ଖାଇବା ଉଚିତ୍ ନୁହେଁ। ମାଛରେ ବିଷ ଚିହ୍ନଟ କରିବାର ଏକମାତ୍ର ସହଜ ଉପାୟ ହେଉଛି ମାଛର କଲିଜାର ଏକ୍ସଟ୍ରାକ୍ଟକୁ ଧଳା ମୂଷା ଦେହରେ ଇଞ୍ଜେକ୍ସନ୍ ଦେଇ ଏହାର ପ୍ରଭାବ ନିରୀକ୍ଷଣ କରିବା। ସାଧାରଣ ଲୋକଙ୍କ ପାଇଁ ଏକମାତ୍ର ସଙ୍କେତ ହେଉଛି, ମାଛର କଲିଜା ବଡ଼ ଏବଂ କଳା ରଙ୍ଗର ଦେଖାଯାଏ। ବିଷାକ୍ତତାରୁ ବଞ୍ଚିବାର ସବୁଠାରୁ ଭଲ ଉପାୟ ହେଉଛି ଗ୍ରୀଷ୍ମ ଋତୁରେ ଶେଲଫିସ୍ ନଖାଇବା। ଅନ୍ୟ ସମୟରେ ମଧ୍ୟ ରାନ୍ଧିବା ପୂର୍ବରୁ ମାଛର କଲିଜା ଯାଞ୍ଚ କରିବା ଆବଶ୍ୟକ। ଯଦି କଲିଜା ବଡ଼ ଏବଂ କଳା ଥାଏ, ତେବେ ସେହି ମାଛକୁ ବ୍ୟବହାର କରିବା ଉଚିତ୍ ନୁହେଁ। ବଛାଯାଇଥିବା ମାଛକୁ କ୍ଲୋରିନ୍ ଯୁକ୍ତ ପାଣିରେ ଭଲ ଭାବରେ ସଫା କରିବା ଉଚିତ୍।

ସୋରିନ୍ ହେଉଛି ମାଛରେ ମିଳୁଥିବା ଅନ୍ୟ ଏକ ବିଷାକ୍ତ ପଦାର୍ଥ। ଏହା ଏକ ହିଷ୍ଟାମାଇନ୍-ସଦୃଶ ପଦାର୍ଥ। ଯେତେବେଳେ ମାକେରେଲ୍ ଟୁନି, ସାର୍ଡିନ୍ସଭଳି ମାଛଗୁଡ଼ିକୁ କିଛି ସମୟ ନରାନ୍ଧି ରଖାଯାଏ, ସେତେବେଳେ ସେଗୁଡ଼ିକରେ ଏହି ବିଷ ସୃଷ୍ଟି ହୁଏ। ତାଜା ମାଛରେ ଏହି ବିଷ ନଥାଏ। ମାଛରେ ଥିବା ପ୍ରାକୃତିକ ବ୍ୟାକ୍ଟେରିଆ ଦ୍ୱାରା ହିଷ୍ଟିଡାଇନ୍ ନାମକ ଅନ୍ୟ ଏକ ଯୌଗିକର ପ୍ରକ୍ରିୟା ଯୋଗୁଁ ଏହା ତିଆରି ହୋଇଥାଏ। କେବଳ କେତେକ ଲୋକ ସୋରିନ୍ ପ୍ରତି ସଂବେଦନଶୀଳ କିମ୍ବା ଆଲର୍ଜିକ୍ ଥାଆନ୍ତି।



ଏହି ଆଲର୍ଜିକୁ ସ୍କୋମ୍ବ୍ରୋଟୋକ୍ସିସିମ୍ (କୁହାଯାଏ, କାରଣ ଏଥିପାଇଁ ଦାୟୀ ମାଛଗୁଡ଼ିକ ସ୍କୋମ୍ବ୍ରିଡାଏ (ପରିବାରର ଅଟନ୍ତି। ସ୍କୋମ୍ବ୍ରୋଟୋକ୍ସିସିମ୍ ମାଛ ଦ୍ୱାରା ହେଉଥିବା ସବୁଠାରୁ ସାଧାରଣ ରୋଗ ଭାବରେ ପରିଗଣିତ।

ପେଟ୍ରୋଲିୟମ୍ ଦ୍ୱାରା ଦୂଷିତ ପାଣିରୁ ସଂଗ୍ରହ କରାଯାଇଥିବା ସୁଖିଲା ମାଛ ଏବଂ ଓଏଷ୍ଟର ଭଳି ଶେଲଫିସରେ ଅନେକ ପଲିସାଇକ୍ଲିକ୍ ଆରୋମାଟିକ୍ ହାଇଡ୍ରୋକାର୍ବନ ଥାଏ। ଆନିଓନିକ୍ ଡିଟରଜେଣ୍ଟ ଏବଂ ଅନ୍ୟାନ୍ୟ ଏମଲସିଫାୟାର୍ସର ଉପସ୍ଥିତିରେ ପେଟ୍ରୋଲିୟମ୍ ତେଲ ପାଣିରେ ଦ୍ରବୀଭୂତ ହୋଇଯାଏ। ମାଛ, ବିଶେଷକରି ଦୂଷିତ ପାଣିରେ ରହୁଥିବା ଶେଲଫିସର କଲିଜାରେ ପଲିସାଇକ୍ଲିକ୍ ଆରୋମାଟିକ୍ ହାଇଡ୍ରୋକାର୍ବନ୍ ମିଳିଥାଏ।

ବ୍ୟାକ୍ଟେରିଆ ଜନିତ ପ୍ରଦୂଷଣ ମାଛର ବାହାର ପୃଷ୍ଠକୁ ଢାଙ୍କି ରଖୁଥିବା ସ୍ଲାଇମ୍ ଲାଳରେ କେତେକ ବ୍ୟାକ୍ଟେରିଆ ଥାଆନ୍ତି। ଉତ୍ତର ଜଳଭାଗରୁ ଆସୁଥିବା ମାଛରେ ମୁଖ୍ୟତଃ ସାଇକ୍ରୋଫାଇଲ୍ସ ଥାଆନ୍ତି, ଯେଉଁଠାରେ ଗ୍ରୀଷ୍ମମଣ୍ଡଳୀୟ ପାଣିର ମାଛଗୁଡ଼ିକରେ ଅଧିକ ମେସୋଫାଇଲ୍ସ ଥାଆନ୍ତି। ଡଙ୍ଗା, ବାକ୍ସ, ବିନ୍, ମାଛ ରଖିବା ସ୍ଥାନ ଏବଂ ମୌସୁମୀ ଋତୁର ଡଙ୍ଗାଗୁଡ଼ିକ ଏହି ବ୍ୟାକ୍ଟେରିଆ ଦ୍ୱାରା ଅଧିକ ଦୂଷିତ ହୋଇଥାନ୍ତି ଏବଂ ମାଛ ସଫା କରିବା ସମୟରେ ଏହା ମାଛକୁ ସଂକ୍ରମିତ କରିଥାଏ।

ବ୍ୟାକ୍ଟେରିଆ ପ୍ରଥମେ ମାଛର ଉପରିଭାଗରେ ବୃଦ୍ଧି ପାଆନ୍ତି ଏବଂ ପରେ ମାଛ ଭିତରକୁ ପ୍ରବେଶ କରନ୍ତି। ମାଛରେ ନନ୍-ପ୍ରୋଟିନ୍ ନାଇଟ୍ରୋଜେନ୍ ଅଧିକ ଥାଏ ଏବଂ ଏହାର ଏଞ୍ଜାଇମ୍ ଦ୍ୱାରା ହେଉଥିବା ପରିବର୍ତ୍ତନ ବ୍ୟାକ୍ଟେରିଆ ବୃଦ୍ଧି ପାଇଁ ଆମିନୋ ଏସିଡ୍, ଆମାଇନ୍ସ ଏବଂ ଗ୍ଲୁକୋଜ୍ ଯୋଗାଇଥାଏ। ଏହି ଯୌଗିକଗୁଡ଼ିକରୁ ବ୍ୟାକ୍ଟେରିଆ ଟ୍ରାଇମେଥାଇଲାମାଇନ୍ ଆମୋନିଆ, ନିମ୍ନ ଫ୍ୟାଟି ଏସିଡ୍, ଆଲଡିହାଇଡ୍, ମରକାପ୍ଟାନ୍ସ ଏବଂ ଇଣ୍ଡୋଲ୍ ତିଆରି କରନ୍ତି, ଯାହା ପଚିଯିବାର ସଙ୍କେତ ଦେଇଥାଏ। ମାଛର ମାଟିଆ କିମ୍ବା କାଦୁଅ ଭଳି ଗନ୍ଧ ଏବଂ ସ୍ୱାଦ ଷ୍ଟ୍ରେପ୍ଟୋମାଇସେସ୍ ପ୍ରଜାତିର ବୃଦ୍ଧି ଯୋଗୁଁ ହୋଇଥାଏ। ଉପଯୁକ୍ତ ସଫେଇ ପ୍ରଣାଳୀ (ପ୍ରଭାବଶାଳୀ ଡିଟରଜେଣ୍ଟ ଦ୍ରବଣ ସହିତ) ଦ୍ୱାରା ଦୂଷିତ ପୃଷ୍ଠ ଏବଂ ମାଛରୁ ମାଟି ବାହାର କରିବା ଦ୍ୱାରା ମାଛରେ ଥିବା ସୂକ୍ଷ୍ମଜୀବ ସଂଖ୍ୟା ଯଥେଷ୍ଟ କମିଯାଏ। ସୂକ୍ଷ୍ମଜୀବଗୁଡ଼ିକୁ ସମ୍ପୂର୍ଣ୍ଣ ବାହାର କରିବା କଷ୍ଟକର, କିନ୍ତୁ ଅଧିକାଂଶ ପ୍ରଦୂଷଣ ମାଛ ଏବଂ ଅନ୍ୟାନ୍ୟ ସାମୁଦ୍ରିକ ଖାଦ୍ୟର ବାହାର ପୃଷ୍ଠରେ ଥିବାରୁ, ଲାଳ ଏବଂ ମଇଳା ଧୋଇବା ଦ୍ୱାରା ଅନେକ ସୂକ୍ଷ୍ମଜୀବ ବାହାରି ଯାଆନ୍ତି।

ଭୂତାଣୁ ଜନିତ ସଂକ୍ରମଣ

ଦୂଷିତ ପାଣିରୁ ସଂଗ୍ରହ କରାଯାଇଥିବା ମାଛଗୁଡ଼ିକ ହେପାଟାଇଟିସ୍ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥାନ୍ତି। ସଂକ୍ରମିତ ହେପାଟାଇଟିସ୍ ଭୂତାଣୁ ଓଏଷ୍ଟରକୁ ରେଫ୍ରିଜରେଟରରେ ସଂରକ୍ଷିତ ରଖିବା ସମୟରେ ମଧ୍ୟ ସ୍ଥିର ରହୁଥିବା ଦେଖାଯାଇଛି। ଏହି ଭୂତାଣୁ ହେପାଟାଇଟିସ୍ ଆନ୍ତ୍ରିକ ସମସ୍ୟା ସୃଷ୍ଟି କରେ। ତାଜା ମାଛରେ ବିଷାକ୍ତତା ଏଡାଇବା ପାଇଁ, ରାନ୍ଧିବା ପାଇଁ ଭଲ ମାଛ ବାଛିବା ଉଚିତ୍। ଯଦି କଞ୍ଚା ମାଛକୁ କିଛି ସମୟ ରଖିବାକୁ ପଡ଼େ, ତେବେ ସେଗୁଡ଼ିକୁ ରେଫ୍ରିଜରେଟରରେ ସଂରକ୍ଷିତ କରି ରଖିବା ଆବଶ୍ୟକ।

# ଇଥାନଲ : ମିଶନ ଇ-୨୦ ଓ ଭାରତର ଅର୍ଥନୀତି

**ମନସିଜ୍ ଦାସ**




ଭାରତୀୟ ବଜାରକୁ ଆସିଛି ଇ୨୦ ବା ଇଥାନଲ ମିଶ୍ରିତ ପେଟ୍ରୋଲ। ବିଭିନ୍ନ କୃଷି ଉତ୍ପାଦରୁ ଇଥାନଲ ତିଆରି ହେଉଛି। ଏହାକୁ ଇଥାଇଲ ଆଲକହଲ କୁହାଯାଏ। ବର୍ତ୍ତମାନ ପେଟ୍ରୋଲ, ଡିଜେଲ ଆଦି ପାରମ୍ପରିକ ଜୀବାଶ୍ମ ଇନ୍ଧନର ବିକଳ୍ପ ରୂପେ ଇଥାନଲ ବେଶ ଗୁରୁତ୍ୱପୂର୍ଣ୍ଣ। ଏହା ପାରଦର୍ଶୀ, ରଙ୍ଗହୀନ ଓ ଜ୍ୱଳନଶୀଳ ଇନ୍ଧନ। ଇଥାନଲ ଇନ୍ଧନ କେବଳ ପରିବେଶ ପାଇଁ ଉପଯୋଗୀ ନୁହେଁ, ବରଂ ଦେଶର ଶକ୍ତି ଆତ୍ମନିର୍ଭରତାକୁ ମଧ୍ୟ ବୃଦ୍ଧି କରିବ। ଇଥାନଲକୁ ପେଟ୍ରୋଲ ସହିତ ମିଶାଇ ଯାନବାହନରେ ଇନ୍ଧନ ରୂପେ ବ୍ୟବହାର କରାଯାଉଛି। ଭାରତରେ ଏହାକୁ ଇଥାନଲ ବ୍ଲେଣ୍ଡେଡ ପେଟ୍ରୋଲ କୁହାଯାଉଛି। ତେବେ ଗାଡ଼ିମୋଟରରେ ଇ-୨୦ ପେଟ୍ରୋଲ ବ୍ୟବହାରକୁ ନେଇ ଅନେକ ଅଭିଯୋଗ ମଧ୍ୟ




ଆସିଛି। ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଫଳରେ ଗାଡ଼ି ଗୁଡ଼ିକ କମ ମାଇଲେଜ୍ ଦେବା, ଇଞ୍ଜିନ ଖରାପ ହୋଇଯିବା ଆଦି ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାରକୁ ନେଇ ସରଗରମ ଆଲୋଚନା ହେଉଛି। ଇଥାନଲ ହେଉଛି ଏକ ଜୈବ ଇନ୍ଧନ। ବିଶେଷ କରି ଆଖୁ, ମକା, ଗହମ ଆଦି କୃଷି ଉତ୍ପାଦନରୁ ଏହା ତିଆରି ହୋଇଥାଏ। ବର୍ତ୍ତମାନ ଭାରତରେ ଇଥନଲ ପେଟ୍ରୋଲ ବ୍ୟବହାରକୁ ନେଇ ଦେଖାଦେଇଛି ସଂଶୟ। କାରଣ ଇ-୨୦ ହେଉଛି ୨୦ ପ୍ରତିଶତ ଇଥାନଲ ଓ ୮୦ ପ୍ରତିଶତ ସାଧାରଣ ପେଟ୍ରୋଲର ମିଶ୍ରିତ ପେଟ୍ରୋଲ। ଇ-୨୦ ବ୍ୟବହାର କଲେ ଗାଡ଼ି କମ ମାଇଲେଜ ଦେବା, ଇଞ୍ଜିନ ଖରାପ ହେଉଥିବା ଅଭିଯୋଗ ହେଉଛି। ସେପଟେ ବିଦେଶରୁ କଞ୍ଚା ତୈଳ ଆମଦାନି ହ୍ରାସ, ବୈଦେଶିକ ମୁଦ୍ରା ସଞ୍ଚୟ ପରିବେଶ ପ୍ରଦୂଷଣ ହ୍ରାସ, ଦେଶର ଶକ୍ତି ଆତ୍ମନିର୍ଭରଶୀଳତା ବୃଦ୍ଧି ପାଇଁ ଯାନବାହନରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।




ଇ-୨୦ ପ୍ରଚଳନର ଉଦ୍ଦେଶ୍ୟ ହେଉଛି, ଇଥାନଲ ଏକ ନବୀକରଣୀୟ ଶକ୍ତିର ଉତ୍ସ। ପେଟ୍ରୋଲ ତୁଳନାରେ ଏଥିରୁ କମ କାର୍ବନ ଡାଇଅକ୍ସାଇଡ଼ ନିର୍ଗତ ହୋଇଥାଏ। ବିଶ୍ୱର ସବୁଠାରୁ ଅଧିକ କଞ୍ଚା ତୈଳ ଓ ପେଟ୍ରୋଲିୟମ ଉତ୍ପାଦ ବ୍ୟବହାରକାରୀ ଦେଶ ମଧ୍ୟରେ ଭାରତର ସ୍ଥାନ ତୃତୀୟ। ଦେଶର ତୈଳ ଆମଦାନୀ ହ୍ରାସ କରିବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ଏହା ସହିତ କାର୍ବନ ଡାଇଅକ୍ସାଇଡ୍ ନିର୍ଗତ ହ୍ରାସ ଓ କୃଷକମାନଙ୍କ ଅତିରିକ୍ତ ଆୟର ପନ୍ଥା ସୃଷ୍ଟି ନିମନ୍ତେ ଇ-୨୦ ପେଟ୍ରୋଲ ବ୍ୟବହାର ଉପରେ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି। ୨୦୩୦ ମସିହା ସୁଦ୍ଧା ୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ ଦେଶରେ ବିକ୍ରି କରିବା ପାଇଁ ୨୦୧୮ ମସିହାରେ ଭାରତ ସରକାର ନିଷ୍ପତ୍ତି ନେଇଥିଲେ। ପରେ ଏହି ସମୟ ସୀମାକୁ ପାଞ୍ଚ ବର୍ଷ ହ୍ରାସ କରି ୨୦୨୫ ମସିହା କରାଯାଇଥିଲା। ୨୦୨୫ ମସିହା ୪ ଫେବୃଆରୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇ-୨୦ ପେଟ୍ରୋଲର ଲଞ୍ଚ କରିଥିଲେ। ତେବେ ଏହା ପୂର୍ବରୁ ୨୦୨୨ ମସିହାରେ ଦେଶରେ ପେଟ୍ରୋଲରେ ୧୦ ପ୍ରତିଶତ ଇଥାନଲ ମିଶାଇବାକୁ ଯୋଜନା ପୁରା କରାଯାଇଥିଲା।

ଇ-୨୦ ନୀତିର ସବୁଠାରୁ ବଡ଼ ଲାଭ କୃଷକଙ୍କୁ ମିଳିବାର ଆଶା କରାଯାଉଛି। ଆଖୁ, ମକା ଓ ଅନ୍ୟାନ୍ୟ ଫସଲର ଚାହିଦା ବଢ଼ିବାରୁ କୃଷକମାନେ ଅଧିକ ବଜାର ସୁଯୋଗ ପାଇବେ। ଚିନି ଶିଳ୍ପ ପାଇଁ ମଧ୍ୟ ଇଥାନଲ ଏକ ବିକଳ୍ପ ଆୟର ଉତ୍ସ ସୃଷ୍ଟି କରିବ।

ତେବେ ଲାଭ ଭିତରେ କ୍ଷତି ମଧ୍ୟ ରହିଲା ପରି ଏହାର ସମସ୍ୟା କିଛି ରହିଛି। ଇ-୨୦ ନୀତି ସମ୍ପୂର୍ଣ୍ଣ ସମସ୍ୟା ମୁକ୍ତ ନୁହେଁ। ଭାରତରେ ଇଥାନଲ ଉତ୍ପାଦନ ପାଇଁ ବହୁ ପରିମାଣରେ ଆଖୁ ଓ ମକା ଉପରେ ନିର୍ଭର କରିବାକୁ ପଡୁଛି। ଆଖୁ ଏକ ଅଧିକ ଜଳ ଆବଶ୍ୟକ କରୁଥିବା ଫସଲ। ଜଳ ସଙ୍କଟ ଥିବା ଅଞ୍ଚଳରେ ଏହାର ବ୍ୟାପକ ଚାଷ ପରିବେଶ ଓ ଜଳ ସମ୍ପଦ ଉପରେ ଚାପ ପଢ଼ାଇପାରେ। ଅନ୍ୟପକ୍ଷରେ ଖାଦ୍ୟଶସ୍ୟକୁ ଇନ୍ଧନ ଉତ୍ପାଦନରେ ବ୍ୟବହାର କରିବା ଫଳରେ ଭବିଷ୍ୟତରେ ଖାଦ୍ୟ ସୁରକ୍ଷା ଓ ଦାମ ଉପରେ ପ୍ରଭାବ ପଡ଼ିବ କି ନାହିଁ, ସେ ନେଇ ମଧ୍ୟ ଚିନ୍ତା ରହିଛି।

ଭାରତରେ ବାର୍ଷିକ ୯୩ ନିୟୁତ ଟନ୍ ଡିଜେଲ ଓ ୪୦ ନିୟୁତ ଟନ ପେଟ୍ରୋଲ ବ୍ୟବହାର ହୋଇଥାଏ। ପେଟ୍ରୋଲ ଉତ୍ପାଦନ ପାଇଁ ଆମ ଦେଶର ବାର୍ଷିକ ୨୪୦-୨୫୦ ନିୟୁତ ଟନ ଅଶୋଧିତ ତୈଳ ଋଷିଆ, ଇରାନ, ଦକ୍ଷିଣ ଆରବ ଓ ୟୁ.ଏ.ଇ ଦେଶରୁ ଆମଦାନୀ କରେ। ଏଥିପାଇଁ ୧୩୫-୧୬୦ ବିଲିୟନ ଡଲାର ବୈଦେଶିକ ମୁଦ୍ରା ବିନିଯୋଗ ହୁଏ। ଏହା ଦେଶର ବାଣିଜ୍ୟିକ କ୍ଷତି ଏବଂ ବୈଦେଶିକ ମୁଦ୍ରା ଉପରେ ବଡ଼ ଚାପ ସୃଷ୍ଟି କରେ। ବିଶ୍ୱର ତୃତୀୟ ବୃହତ୍ ତୈଳ ଉପଭୋକ୍ତା ଭାବରେ ଭାରତ ନିଜର ପ୍ରାୟ ୮୫ ପ୍ରତିଶୋଧ ଅଶୋଧିତ ତୈଳ ବିଦେଶରୁ ଆମଦାନି କରିଥାଏ। ଏହି ବିପୁଳ ଆମଦାନୀ ତୈଳ ବିଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ତୈଳ ଉପରେ ଚାପ ସୃଷ୍ଟି କରିଦେଇଛି। ଭାରତୀୟ ଅର୍ଥନୀତିକୁ ସମ୍ବେଦନଶୀଳ କରିଦେଇଛି। ଏହି ପରିପ୍ରେକ୍ଷୀରେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ବା ଇ-୨୦ ଇନ୍ଧନ ନୀତି କେବଳ ଏକ ଇନ୍ଧନ ପରିବର୍ତ୍ତନ ନୁହେଁ ବରଂ ଏହା ଶକ୍ତି ନିରାପତ୍ତା, କୃଷି, ଶିଳ୍ପ, ପରିବେଶ ଏବଂ ଗ୍ରାମୀଣ ଅର୍ଥନୀତିକୁ ଏକ ସୂତ୍ରରେ ବାନ୍ଧିବାର ଏକ ଦୂରଦର୍ଶୀ ପ୍ରୟାସ।

ଭବିଷ୍ୟତରେ ଯାନ ଇ-୨୦ କିମ୍ବା ଇ-୩୦ ଉପଯୁକ୍ତ ହେବ ଏଥିରେ ସନ୍ଦେହ ନାହିଁ। ତେବେ ଏସବୁ ଭିତରେ ଯଦି ସରକାର, କୃଷକ, ଶିଳ୍ପ ଓ ଉପଭୋକ୍ତାଙ୍କ ମଧ୍ୟରେ ସମନ୍ୱୟ ସୁଦୃଢ଼ ରହେ ତେବେ ଇ-୨୦ କେବଳ ଏକ ବିକଳ୍ପ ଇନ୍ଧନ ନୁହେଁ ବରଂ ଆତ୍ମନିର୍ଭର ଭାରତ, ସବୁଜ ବିକାଶ ଏବଂ ସ୍ଥାୟୀ ଅର୍ଥନୈତିକ ପ୍ରଗତିର ଏକ ଶକ୍ତିଶାଳୀ ଆଧାର ହୋଇପାରିବ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା**



ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ଗଭୀର ଅବପାତ, ବର୍ଷା ଓ ଶିଶୁ ସ୍ୱାସ୍ଥ୍ୟ

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ



**ଗଭୀର ବର୍ଷା ସମୟରେ ବିଶେଷକରି ପରବର୍ତ୍ତୀ ସମୟରେ ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ଅନେକାଂଶରେ ଅସୁସ୍ଥ ରହିଥାଏ। ଋତୁକାଳୀନ ଭାବେ ଏପରି ଗଭୀର ଅବପାତ ବା ଲଗାଣ ବର୍ଷା ସମୟରେ ପିଲାମାନେ ଅନେକ ରୋଗକୁ ସାମ୍ନା କରିଥାନ୍ତି। ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଯାଏ, ଉତ୍ତାପ ଅଧିକ ଥାଏ। ଏହାଫଳରେ ଶରୀର ମଧ୍ୟରୁ ନିଷ୍କାସିତ ହେଉଥିବା ଝାଳ ବାୟୁମଣ୍ଡଳକୁ ପ୍ରବେଶ କରି ପାରେନାହିଁ। ଏହା ବାଷ୍ପୀଭୂତ ନହେବା ଫଳରେ ଶରୀରର ଶୀତଳ ହୁଏନାହିଁ ଓ ଅଧିକ ଗରମ ଅନୁଭୂତ ହୁଏ ଏହାକୁ ଗୁଳୁଗୁଳି କୁହାଯାଏ। ଏହାଫଳରେ ଅନେକ ଚର୍ମରୋଗ ଦେଖାଯାଏ। ଭୂତାଣୁ, ଜୀବାଣୁ, କୀଟାଣୁ, ପାରାସାଇଟ କୀଟ, ପତଙ୍ଗ ସମସ୍ତଙ୍କର ବଂଶ ବୃଦ୍ଧି ଆଶାତୀତ ବୃଦ୍ଧି ପାଏ, ଏହା ପ୍ରଜନନ ଋତୁ। ତେଣୁ ରୋଗ ମଧ ସେହି ଅନୁପାତରେ ବୃଦ୍ଧି ପାଇଥାଏ।**

ବର୍ଷାଜଳ, ନଦୀ, ପୁଷ୍କରିଣୀ, ନାଳ, ନର୍ଦ୍ଦମା ସବୁକୁ ଏକାକାର କରିଦିଏ। ଏପରିକି ପ୍ରଥମ ହେଉଥିବା ବର୍ଷାଜଳ ଅମ୍ଳଯୁକ୍ତ ହୋଇ ଦୂଷିତ ଜଳ ବର୍ଷା ହୋଇଥାଏ। ସାପ, ବିଛା, ବିଷାକ୍ତ କୀଟ ଏମାନଙ୍କର ବିଲରେ ଜଳ ପ୍ରବେଶ ଫଳରେ ସେମାନେ ଗୃହ ମଧ୍ୟରେ ପ୍ରବେଶ କରନ୍ତି। ସର୍ପ ଦଂଶନ, କୀଟ ଦଂଶନ ଇତ୍ୟାଦିର ପ୍ରକୋପ ଦେଖାଦିଏ। ବର୍ଷା ହେତୁ ଭୂସ୍ଖଳନ, ବାଦଲଫଟା ବର୍ଷା ହେତୁ ଆକସ୍ମିକ ବନ୍ୟା। ଦୁର୍ବଳ ଗୃହ ଭୁଷୁଡ଼ି ପଡ଼ିବା, ଜଳରେ ସଳିଳ ସମାଧି ନେବା, ଅନେକ ଦୁର୍ଦ୍ଦଶା ଦେଖାଯାଏ। ବର୍ଷା ଋତୁର ଶିଶୁମାନଙ୍କ ପ୍ରଧାନ ରୋଗ ମାନଙ୍କ ମଧ୍ୟରୁ ଥଣ୍ଡା ବା ସର୍ଦ୍ଦି ରୋଗ ପ୍ରଧାନ। ଏହାପ୍ରାୟ ଦୁଇଶହ ପ୍ରକାରର ଭୂତାଣୁ ହେତୁ ହୋଇଥାଏ। ସେମାନଙ୍କ ମଧ୍ୟରୁ 'ରାଇନୋଭାଇରସ୍' ପ୍ରଧାନ। 'ଇନ୍‌ଫ୍ଲୁଏଞ୍ଜା ଭାଇରସ୍' ମଧ ଏହି ସମୟରେ ଦେଖାଯାଇଥାଏ। ଏହି ଭୂତାଣୁ ନିଶ୍ୱାସ ପ୍ରଶ୍ୱାସ, ଛିଙ୍କ, କାଶ ଓ ସ୍ପର୍ଶ ଦ୍ୱାରା ବ୍ୟାପିଥାଏ। ଗେହ୍ଲା କରିବା ଫଳରେ, ଏକା ରୁମାଲରେ ମୁହଁ ପୋଛିବା ଫଳରେ, ଗୋଟିଏ କୋଠରୀରେ ରହିବା ଫଳରେ ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ଡେଇଁଥାଏ।

ଶରୀରରେ ରୋଗ ପ୍ରତିରୋଧ ଶକ୍ତି ନଥିବାରୁ ଶିଶୁମାନଙ୍କୁ ରୋଗ ଅଧିକ ଦିନ ରହିବା ସହିତ ଅନ୍ୟାନ୍ୟ ଉପସର୍ଗ ଦେଖାଦିଏ। ଥଣ୍ଡା ପରେ ଶ୍ୱାସ, କାନପଚା, ନିମୋନିଆ ଇତ୍ୟାଦି ବୃଦ୍ଧି ପାଇଥାଏ। ପ୍ରଥମେ ଥଣ୍ଡାରୋଗରେ ନାକରୁ ପାଣିବାହାରେ, କାଶ, ତଣ୍ଟିଘା, ଦେହ ହାତ ବ୍ୟଥା ଓ ଭୋକ ହୋଇ ନଥାଏ ଜ୍ୱର ମଧ ଶିଶୁମାନଙ୍କ ଠାରେ ଦେଖାଯାଇଥାଏ। ରୋଗ ସଂକ୍ରମଣର ୧୬ଘଣ୍ଟା ପରେ ଦେହ ହାତ ବିନ୍ଧା ହୋଇଥାଏ। ଦୁଇଦିନ ପରେ ନାକରୁ ପାଣି ବାହାରି ଛିଙ୍କ କାଶ ହୋଇଥାଏ। ସାତରୁ ଦଶ ଦିନ ମଧ୍ୟରେ ମନକୁ ମନ ରୋଗ ଭଲ ହୋଇଯାଏ। ସମୟ ସମୟରେ କାଶ ୨୧ରୁ ୨୫ ଦିନ ପର୍ଯ୍ୟନ୍ତ ରହିଥାଏ। ଯେହେତୁ ଥଣ୍ଡା ରୋଗଟି ଭୂତାଣୁ ଜନିତ କୌଣସି ଔଷଧ ଆବିଷ୍କୃତ ହୋଇନାହିଁ। ଜ୍ୱର, ଦେହ ବ୍ୟଥା ପାଇଁ, ଔଷଧ ଦେବା ଉଚିତ। ଭିଟାମିନ 'ସି'ର ବିଶେଷ ଭାବରେ ଉପକାରୀ। ଆଣ୍ଟିବାଓଟିକ୍‌ର ବ୍ୟବହାର ଫଳରେ କୌଣସି ଉପକାର ମିଳି ନଥାଏ। ଇନ୍‌ଫ୍ଲୁଏଞ୍ଜା ରୋଗ ଫଳରେ ଅଧିକ ଜ୍ୱର ଓ ଶ୍ୱାସକଷ୍ଟ ଦୁର୍ବଳତା ଅନୁଭୂତ ହୋଇଥାଏ। ଯାହାକି ଜୀବନପ୍ରତି ବିପଦ ସୃଷ୍ଟି କରିଥାଏ।

ପ୍ରତିଷେଧକ ହେଉଛି : ଥଣ୍ଡା ଓ ଇନ୍‌ଫ୍ଲୁଏଞ୍ଜାରୁ ରକ୍ଷା ପାଇବା ପାଇଁ ଶିଶୁକୁ ଥଣ୍ଡା ରୋଗୀ ଠାରୁ ଦୂରେଇ ରଖନ୍ତୁ। ତା ମୁଖରେ



ଚୁମା ଦେବା, ଓ ମୁଖ, ଗାଲ ଇତ୍ୟାଦି ଛୁଇଁବା ଅନୁଚିତ, ଥଣ୍ଡା ହୋଇଥିଲେ ମା' ମାସ୍କ ବ୍ୟବହାର କରିବା ଉଚିତ। ଅବଶ୍ୟ ମା'ର କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବର୍ଷାଋତୁରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ପ୍ରକୋପ ବୃଦ୍ଧି ହୋଇଥାଏ। ଔଷଧ ଛଡ଼ା ମଶାରୀର ବ୍ୟବହାର, ରକ୍ତ ପରୀକ୍ଷା ଓ ଠିକ୍ ସମୟରେ ଔଷଧ ବ୍ୟବହାର ମ୍ୟାଲେରିଆରୁ ରକ୍ଷା କରିଥାଏ। ମଶା ଧୂପ, ଓ ଲିକ୍ୟୁଏଡଟର ମଶାକ୍ରିମ ଓ ତେଲ ମଧ ବ୍ୟବହାର କରାଯାଇପାରେ। ଶିଶୁର ଅସୁସ୍ଥତା ପାଇଁ ଦୂଷିତ ଜଳ ଅନେକ ପରିମାଣରେ ଦାୟୀ। ଏହାଫଳରେ ତରଳ ଝାଡ଼ା, ଜଣ୍ଡିସ୍, କୃମୀ ରୋଗ, ଟାଇଫଏଡ୍, ଲେପ୍ଟୋସ୍ପାଇରୋସିସ୍ ଇତ୍ୟାଦି ରୋଗ ଦେଖାଦେଇଥାଏ।



ବର୍ଷା ଋତୁରେ ଶିଶୁମାନଙ୍କ ରୋଗରୁ ରକ୍ଷା ପାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଅତି ଦରକାର। ନିଜର ହାତ, ବାସନକୁସନ, ସାବୁନ ଦ୍ୱାରା ସଫା କରିବା ଉଚିତ। ବର୍ଷାରେ ଓଦା ହେବା ପରେ କିମ୍ବା ବାହାର ନର୍ଦ୍ଦମା ପାଣି ମଧ୍ୟରେ ଓଦା ହୋଇ ଆସିବାପରେ, ସଫା ହୋଇ ଗାଧୋଇବା ସଫାସୁତୁରା ରହିବା ଦରକାର, ଖାଇବାକୁ ଦେବା ପୂର୍ବରୁ ଗରମ ପାଣିରେ ବାସନ ଧୋଇବା ଉଚିତ। ମାଛି ପ୍ରତି ସତର୍କତା ଗ୍ରହଣ କରିବା ଉଚିତ। ମଶାରୀ ବ୍ୟବହାର, ଫୁଟା ପାଣି ବ୍ୟବହାର କରିବା ଜରୁରୀ। ସବୁଜ ପନିପରିବା ଖାଇବା ଓ ଅଧିକ ବିଶୁଦ୍ଧ ଜଳ ପାନ କରିବା ଉଚିତ। ବର୍ଷାକୁ ନେଇ, କିମ୍ବା କୌଣସି ଅବପାତକୁ ନେଇ ଗୁଜବକୁ ଆଦୌ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ପ୍ରଚାର ପ୍ରସାର କରନ୍ତୁ ନାହିଁ। ସରକାରୀ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ ଏବଂ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହୁଅନ୍ତୁ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**

## ଦିନରେ ଛାତ୍ରନେତା, ସନ୍ଧ୍ୟାରେ ଅଭିନେତା:

# ଓମ୍‌ଶିବ ଦାଶ



କଲେଜର ବିଭିନ୍ନ ଦାବି ନେଇ ନାରା ଦେଉଥିବା ଯୁବକ ଆଜି ସଂଳାପ କହୁଛି, ମଞ୍ଚ ବଦଳିଛି କିନ୍ତୁ ଅଭିନୟ ଦମ୍ ସେମିତି ରହିଛି। ପିଲାଟି ଦିନରୁ ମଞ୍ଚ ତଥା ଓଡ଼ିଆ ଧାରାବାହିକରେ ସୁଯୋଗ ପାଇଥିବା କଟକର ଓମ୍‌ଶିବ ଦାଶ ଅଭିନୟ କ୍ଷେତ୍ରରେ ପାରଦର୍ଶିତା ଦେଖାଇବାରେ ବେଶ୍ ସଫଳ ହୋଇଛନ୍ତି। ପିତା ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଉମେଶ ଦାଶ (ଟନିଆ) ମାତା ମଞ୍ଚ ଓ ଓଡ଼ିଆ ଧାରାବାହିକ ଅଭିନେତ୍ରୀ ନିର୍ଝରିଣୀ ଦାଶଙ୍କ ଏକ ମାତ୍ର ପୁତ୍ର ଓମ୍‌ଶିବ। ସହର ସାରା ତାଙ୍କୁ ଜଙ୍ଗଲି ବୋଲି ଶ୍ରଦ୍ଧାରେ ଡାକନ୍ତି। ଖ୍ରୀଷ୍ଟ କଲେଜ କ୍ୟାମ୍ପସ ନେତା ହିସାବରେ ଅନେକ ଆନ୍ଦୋଳନର ନାୟକ ସାଜିଥିବା ଓମ୍ ଏବେ ଥିଏଟରରେ ନାୟକ ସାଜିବା ପାଇଁ  କବାଟ ଖଟ୍‌ଖଟ୍ କଲେଣି। ଯିଏ ଦିନେ ଛାତ୍ରଙ୍କ ହକ୍ ପାଇଁ ମାଇକ ଧରି ନାରା ଦେଉଥିଲା, ଆଜି ସିଏ ଥିଏଟର ସଂଳାପ କହି ଦର୍ଶକଙ୍କ ତାଳି ସାଉଁଟିବାରେ ପାରଙ୍ଗମ ହୋଇ ସାରିଲେଣି। ଛାତ୍ର ନେତାରୁ ଅଭିନେତା ହେବା ପର୍ଯ୍ୟନ୍ତ ତାଙ୍କ ଯାତ୍ରା କେବଳ ବ୍ୟକ୍ତିଗତ ନୁହେଁ, ଅନେକ ଯୁବକଙ୍କ ପାଇଁ ପ୍ରେରଣା। କ୍ୟାମ୍ପସର ଲୋକପ୍ରିୟ ମୁହଁ ଓମ୍ ଶିବଙ୍କ ପିଲାଦିନ ସାଧାରଣ ପରିବାରରେ। କଟକ ଏକ ଅଗ୍ରଣୀ କଲେଜରେ ପଢ଼ିବା ବେଳେ ସେ ଛାତ୍ର ରାଜନୀତିରେ ସକ୍ରିୟ ହୋଇଥିଲେ। ହଷ୍ଟେଲ ସମସ୍ୟା ହେଉ, ଫିସ୍ ବୃଦ୍ଧି ହେଉ କି ପରୀକ୍ଷା ଅନିୟମିତତା - ସବୁଠି ତାଙ୍କ ସ୍ୱର ଶୁଭୁଥିଲା। ତାଙ୍କର ଡେଙ୍ଗା ଓ ବଳିଷ୍ଠ ଚେହେରା ନିର୍ଭୀକ କଥା କହିବା ଶୈଳୀ ଏବଂ ଲୋକଙ୍କୁ ସାଥିରେ ନେଇ ଚାଲିବାର କ୍ଷମତା ତାଙ୍କୁ କମ୍ ବୟସରେ ହିଁ ଜଣେ ପରିଚିତ ଛାତ୍ର ନେତା ଏବଂ ଅଭିନେତା କରି ତୋଳିଥିଲା। ମଞ୍ଚ ଉପରେ ଭାଷଣ ଦେବା ବେଳେ ହିଁ ତାଙ୍କ ଭିତରେ ଜଣେ ଅଭିନେତା ଥିଲା।  ରାଜନୀତି ଭିତରେ ଥାଇ ମଧ ଓମ୍‌ଙ୍କ ମନ କଳା ପ୍ରତି ରହିଛି। କଲେଜ ଗଣେଶ ପୂଜା, ନାଟକ, ଷ୍ଟ୍ରିଟ୍ ପ୍ଲେ - ସବୁଠି ସେ ଆଗରେ। ଧୀରେ ଧୀରେ ସେ ବୁଝିପାରିଲେ, ମଞ୍ଚ ମାଧମରେ ମଧ ଲୋକଙ୍କ କଥା ଅଧିକ ଶକ୍ତିଶାଳୀ ଭାବେ କୁହାଯାଇପାରିବ।  ତାଙ୍କୁ ଯେତେବେଳେ ସାତମାସ ବୟସ ହୋଇଥିଲା ସେତେବେଳେ ଦୂରଦର୍ଶନରେ ପ୍ରସାରିତ ଏକ ଧାରାବାହିକରେ  ମା'ଙ୍କ କୋଳରେ ଶିଶୁ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ପରେ ତାଙ୍କ ପିତାଙ୍କ ନିର୍ଦ୍ଦେଶିତ 'ଏକ୍ୱକ୍ୟୁଜ୍‌ମି' ଚଳଚ୍ଚିତ୍ରରେ ଶିଶୁ କଳାକାର ଭାବେ ଅଭିନୟ କରିବାର ସୁଯୋଗ ପାଇଥିଲେ; ସେତେବେଳେ ତାଙ୍କ ବୟସ ମାତ୍ର ୧୨ବର୍ଷ ହୋଇଥିଲା। ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ମହାପାପ, ମୁଖାଗ୍ନୀ, ଯୁଗାନ୍ତର, ଜୋକର ଓ ବାଟ ଅବାଟ ପରି ୫୦ରୁ ଉର୍ଦ୍ଧ୍ୱ ନାଟକରେ ସଫଳତାର ସହ ଅଭିନୟ କରିଛନ୍ତି। ଏବେ ସେ କଟକର ଏକ ଘରୋଇ କଲେଜରେ ଏମ୍‌ବିଏ ପାଠ୍ୟକ୍ରମର ଛାତ୍ର।  ନିୟମିତ ବ୍ୟବଧାନରେ ଅନ୍ନପୂର୍ଣ୍ଣା ଥିଏଟର, ଜନତା ରଙ୍ଗମଞ୍ଚ, ଭଞ୍ଜ କଳାମଣ୍ଡପ ସହିତ ସମ୍ବଲପୁର, ନୟାଗଡରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନାଟକ ଉତ୍ସବରେ ଭାଗ ନେଇ ବେଶ୍ ପ୍ରଶଂସିତ ହୋଇ ପାରିଛନ୍ତି। ଗତବର୍ଷ କଲେଜ ସ୍ତରୀୟ ନାଟକ ପ୍ରତିଯୋଗିତା କଟକ ନାଟକ ଉତ୍ସବରେ ସେ ଜିଲ୍ଲାର ବେଷ୍ଟ ଅକ୍ଟର ହେବା ସହିତ ତାଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଶେଷଇଚ୍ଛା' ଜିଲ୍ଲାରେ ରନର୍ସ ହୋଇଥିଲା। ଅବସର ସମୟରେ ସେ ରିଲ୍ସ ଏବଂ ଛୋଟ ମ୍ୟୁଜିକ ଭିଡିଓରୁ କରିବା ଚାଲୁରଖିଛନ୍ତି। ତାଙ୍କର ଦେଶୀ ଅନ୍ଦାଜ, ଖାଣ୍ଟି ଓଡ଼ିଆ ଡାଏଲଗ ଏବଂ ନିଆରା ଆକ୍ସନ ଦର୍ଶକଙ୍କୁ ହୃଦୟକୁ ଛୁଇଁ ପାରିଛି। କେବଳ ଏତିକି ନୁହେଁ ସେ କ୍ରୀଡା କ୍ଷେତ୍ରରେ ମଧ ପରିଚିତ ନାମ। ଜାତୀୟ ସ୍ତରୀୟ ବାସ୍କେଟବଲ୍ ପ୍ରତି ଯୋଗିତାରେ ଓଡିଶାର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ଛାତ୍ର ନେତା ଅଭିନୟ କଣ କରିବ ?' - ଏମିତି କଟାକ୍ଷ ବହୁତ ତାଙ୍କ ଶୁଣିବାକୁ ପଡ଼ିଥିଲା। ମାତ୍ର ଓମ୍ ହାର୍ ମାନି ନାହାନ୍ତି। ସେ କହନ୍ତି, 'ଛାତ୍ର ରାଜନୀତି ମୋତେ ସାହସ ଶିଖାଇଛି, ଅଭିନୟ ମୋତେ ସଂଯମ ଶିଖାଉଛି।' ଆଜି ସେ ଯୁବପିଢ଼ିର ପ୍ରିୟ ପାଲଟିଛନ୍ତି। ତାଙ୍କ ଅଭିନୟରେ ସେହି ପୁରୁଣା ଆକ୍ରୋଶ, ସତ୍ୟ ଏବଂ ମାଟିର ଗନ୍ଧ ଅଛି ଯାହା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦିଏ । ନୂଆ ପିଢିର ଅନେକ କଳାକାର ଅଛନ୍ତି, କିନ୍ତୁ ଓମ୍‌ଶିବଙ୍କ ପରି ମଞ୍ଚର ଝାଳ ନିଗାଡୁଥିବା ଅଭିନେତା କମ୍ ଦେଖିବାକୁ ମିଳେ। ଖ୍ରୀଷ୍ଟ କଲେଜରେ ପଢ଼ିବା ବେଳେ ଓମ୍ ଶିବ ଦୁଇଟି ଜିନିଷ ପାଇଁ ଫେମସ୍ ଥିଲେ। ନାଟକ ଓ ଛାତ୍ର ରାଜନୀତି। କଲେଜ ଇଲେକ୍ସନ, ଆନୁଆଲ ଫଙ୍କସନ, ଗଣେଶ ପୂଜାରେ ଷ୍ଟେଜ୍ ପଢ଼ିଲେ





ମାଇକ ତାଙ୍କ ହାତରେ। ସେ କହନ୍ତି ପ୍ରଥମେ ମୁଁ ଡ୍ରାମା ଆର୍ଟିଷ୍ଟ ଥିଲି। ଛାତ୍ରଙ୍କ ସମସ୍ୟା କହିବା ପାଇଁ ମୁଁ ଯେଉଁ ସାହାସ ପାଇଛି  ତାହା ନାଟକରୁ ମିଳିଛି। ସେଥିରୁ ହିଁ ଲୋକେ ମୋତେ ନେତା କହିଲେ। ଏବେ ବି ତାଙ୍କ ଜୀବନଚର୍ଯ୍ୟା ଅଦ୍ଭୁତ। ଦିନରେ ଛାତ୍ର ନେତା, ସନ୍ଧ୍ୟାରେ ଅଭିନେତା ଭାବେ ଥିଏଟର ରିହର୍ସାଲ କରନ୍ତି। ତାଙ୍କ ବକ୍ସିବଜାର ଘର ନିକଟସ୍ଥ ଅମରେଶ୍ୱର ମନ୍ଦିର ପଛ ପଟେ ସେ ଘଣ୍ଟା ଘଣ୍ଟା ଡାଏଲଗ ପ୍ରାକ୍ଟିସ କରନ୍ତି। ଥିଏଟର ନିର୍ଦ୍ଦେଶଙ୍କ ମତରେ, 'ଓମ୍‌ର ସବୁଠୁ ବଡ ପ୍ଲସ ପଏଣ୍ଟ ହେଉଛି ତାର କଣ୍ଠସ୍ୱର, ବଳିଷ୍ଠ ଚେହେରା ଓ ଅନୁଶାସନ। ଏବେ ସାଇବଦର୍ସ ନାମକ ଏକ ସଂଗଠନର ସେ ନେତୃତ୍ୱ ନେଇ ସଫେଇ, ଖରାଦିନେ ଜଳ ବଣ୍ଟନ, ବୃକ୍ଷରୋପଣ ଆଦି ଅନେକ ସେବା କାର୍ଯ୍ୟ ସେ ଜାରି ରଖିଛନ୍ତି। ଏମ୍‌ବିଏ ପାଠ୍ୟକ୍ରମ ପରେ କିଛି ଚାକିରି ମିଳିଗଲେ ଅଭିନୟର ଧାରାକୁ କ୍ଷୀପ୍ର କରିବେ ବୋଲି କୁହନ୍ତି ଓମ୍‌ଶିବ।

**- ଆଲୋକ ନାୟକ**

---

### ଏହି ସପ୍ତାହ, ସେହି ବର୍ଷ (ସେପ୍ଟେମ୍ବର ୨୭-ଅକ୍ଟୋବର ୩)

### ଏଇ ସପ୍ତାହ

ସେପ୍ଟେମ୍ବର ୨୭, ୧୯୫୮-ମିହିର ସେନ୍ ଇଂଲିଶ୍ ଚ୍ୟାନେଲ୍‌କୁ ଅତିକ୍ରମ କରିଥିବା ପ୍ରଥମ ଭାରତୀୟ ହେବାର ମାନ୍ୟତା ପାଇଥିଲେ।



ସେପ୍ଟେମ୍ବର ୨୮, ୧୯୦୭-ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ ଏହିଦିନ ଜନ୍ମଗ୍ରହଣ କରିଥିଲେ।



ସେପ୍ଟେମ୍ବର ୨୯, ୧୯୧୩- ଡିଜେଲ୍ ଇଞ୍ଜିନ୍‌ର ଆବିଷ୍କାରକ ରୁଡଲ୍ଫ ଡିଜେଲଙ୍କର ନିଧନ ହୋଇଥିଲା।



ସେପ୍ଟେମ୍ବର ୩୦, ୧୯୯୩-ମହାରାଷ୍ଟ୍ରରେ ହୋଇଥିବା ଭୂମିକମ୍ପ କାରଣରୁ ୨୦,୦୦୦ ଲୋକ ମୃତ୍ୟୁବରଣ କରିଥିଲେ।



ଅକ୍ଟୋବର ୧, ୧୯୪୯-ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ଶାସନ ଆରମ୍ଭ ହୋଇଥିଲା।



ଅକ୍ଟୋବର ୨, ୧୮୬୯-ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଜନ୍ମଗ୍ରହଣ କରିଥିଲେ।



ଅକ୍ଟୋବର ୩, ୧୯୫୨-ବ୍ରିଟେନ୍ ପ୍ରଥମ ପରମାଣୁ ପରୀକ୍ଷଣ କରିଥିଲା ଯାହାର ନାମ ଦିଆଯାଇଥିଲା 'ହରିକେନ୍'।



# ଚିର ଚିନ୍ମୟ ଚିଦାନନ୍ଦ

## ହେମନ୍ତ କୁମାର ପରିଡ଼ା



**ଜଣେ ମହାପୁରୁଷଙ୍କର ମହାନତା ତାଙ୍କ ହୃଦୟର ହୃଦୟବତ୍ତାରୁ ସ୍ପଷ୍ଟ ବାରି ହୋଇପଡ଼େ, 'ମୁଁ ଈଶ୍ୱରଙ୍କ ପାଖରେ ଅଷ୍ଟସିଦ୍ଧି, ପରମଗତି କିମ୍ବା ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତି ପାଇଁ ପ୍ରାର୍ଥନା କରୁନାହିଁ। ମୋର ଏତିକି ମାତ୍ର ପ୍ରାର୍ଥନା, ହେ ଈଶ୍ୱର ସକଳ ପ୍ରାଣୀଙ୍କର ସମସ୍ତ ଯନ୍ତ୍ରଣା ମୋତେ ସହିବାକୁ ଦିଅ ଯାହା ଦ୍ୱାରା ସେମାନେ ସର୍ବାଦୌ ଦୁଃଖକଷ୍ଟ ରହିତ ହୋଇ ଆନନ୍ଦରେ ବଞ୍ଚି ପାରିବେ।' ଏହା ହେଉଛି ଜଣେ ସର୍ବଜନହିତେରତା ଦୁର୍ଲଭ ମହାତ୍ମାଙ୍କ ଦରଦି ହୃଦୟର ଏକାନ୍ତ ଅଭିବ୍ୟକ୍ତି। ସେ ମହାତ୍ମା ହେଉଛନ୍ତି ବିଶ୍ୱ ବନ୍ଦିତ ସନ୍ଥ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ। ଅନ୍ୟର ପୀଡ଼ାକୁ ଅନୁଭବ କରୁଥିବା ସେହି ମହାତ୍ମାଙ୍କୁ ଲକ୍ଷ୍ୟ କରି ତାଙ୍କର ପୂଜ୍ୟପାଦ ଗୁରୁ ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ପରମ ପାବନ ସ୍ୱାମୀ ଶିବାନନ୍ଦ ସରସ୍ୱତୀ କହିଥିଲେ - 'ଦୟା ଓ ନମ୍ରତା ସାଧୁର ଶ୍ରେଷ୍ଠ ଭୂଷଣ। ସ୍ୱାମୀ ଚିଦାନନ୍ଦ ହେଉଛନ୍ତି ଏହାର ମୂର୍ତ୍ତିମନ୍ତ ବିଗ୍ରହ। ଯେଉଁ ବ୍ୟକ୍ତି ସେବା, ପ୍ରେମ, କରୁଣା ଓ ନମ୍ରତା ଆଦି ସଦଗୁଣର ଅଭ୍ୟାସ କରିବ ସେ ଆମ ଚିଦାନନ୍ଦଙ୍କ ପରି ତେଜଦୀପ୍ତ ହେବ।' ଜଣେ ଅନ୍ତର୍ଦୃଷ୍ଟି ସମ୍ପନ୍ନ ସଦଗୁରୁଙ୍କର ତାଙ୍କ ଶିଷ୍ୟ ଉପରେ ଏହି ଆସ୍ଥା,ଏହି ବିଶ୍ୱାସ କମ କଥା ନୁହେଁ।**

ପ୍ରାଣୀ ମାତ୍ରକେ କୀଟ ଠାରୁ ବ୍ରହ୍ମ ସମସ୍ତଙ୍କ ପାଇଁ ତାଙ୍କର ଚିନ୍ତା। ଅନ୍ୟ ପ୍ରତି ଅନୁକମ୍ପା ପରିପୂର୍ଣ୍ଣ ତାଙ୍କ କରୁଣା ବିଗଳିତ ହୃଦୟର ତୁଳନା ନାହିଁ। ଥରେ ସ୍ୱାମୀଜୀଙ୍କୁ ହରିଦ୍ୱାର ରେଳ ଷ୍ଟେସନରୁ ଆଣିବା ପାଇଁ ସେବକମାନେ ଯାଇଥାନ୍ତି। ସେ ଦିନ ହରିଦ୍ୱାରରେ ହାଡ଼ଭଙ୍ଗା ଶୀତ। ଯାତ୍ରୀ ମାନଙ୍କ ପ୍ରବଳ ଗହଳି ଭିତରେ ଫ୍ଲାଏ ଓଭର ଦେଇ ସେବକମାନେ ସ୍ୱାମୀଜୀଙ୍କୁ ପ୍ଲାଟଫର୍ମ-୨ରୁ ୧ ନମ୍ବର ଆଡ଼କୁ ଆଗେଇ ନେଉଥାନ୍ତି। ହଠାତ୍ ସ୍ୱାମୀଜୀ ସେବକମାନଙ୍କୁ ପଚାରିଲେ - କେହି ଜଣେ ପାଖରେ କେଉଁଠି କଷ୍ଟ ପାଉଛି। ତା'ର କ୍ଷୀଣ ଆର୍ତ୍ତସ୍ୱର ଶୁଣିପାରୁଛ ? ସେବକମାନେ କହିଲେ - ଆଜ୍ଞା ଏହି ପ୍ରବଳ ଭିଡ଼ ଭିତରେ ଆମ ଏକମାତ୍ର ଚିନ୍ତା ଆପଣଙ୍କୁ ନିରାପଦରେ ପୋଲ ପାରି କରିବା। ପୋଲ ଅତିକ୍ରମ ମାତ୍ରେ ସ୍ୱାମୀଜୀ ଚାରିଆଡ଼କୁ ଦୃଷ୍ଟି ପକାଇ ଦେଖିଲେ ଅଦୂରରେ ଅନ୍ଧାର ଭିତରୁ ସେହି କରୁଣ ସ୍ୱର ଆସୁଛି। ପାଖକୁ ଯାଇ ଦେଖିଲେ ବୁଢ଼ୀ ମାତାଜୀ ମୁମୂର୍ଷୁ ଅବସ୍ଥାରେ ପଡ଼ିଛନ୍ତି। ଶକ୍ତ ଶୀତରେ ମଧରେ ଦେହରେ ଛିଣ୍ଡା କପଡ଼ାଟିଏ ଛଡ଼ା ଅନ୍ୟ କିଛି ନାହିଁ। ସଙ୍ଗେ ସଙ୍ଗେ ନିଜ ଦେହରୁ ଦାମିକା ଗରମ ଚାଦର କାଢ଼ି ତାଙ୍କୁ ଘୋଡ଼ାଇ ଦେଲେ। କଥା କହିବାର ସାମର୍ଥ୍ୟ ସେ ମାତାଜୀଙ୍କର ନଥିଲା। ସ୍ୱାମୀଜୀ ସେବକମାନଙ୍କୁ କହିଲେ ତାଙ୍କର ସମସ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ। ସ୍ଥାନୀୟ ରାମକୃଷ୍ଣ ମିଶନ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଗଲା, ହେଲେ ସମସ୍ତ ଚେଷ୍ଟା ସତ୍ତ୍ୱେ ତାଙ୍କୁ ବଞ୍ଚାଇ ରଖିହେଲା ନାହିଁ। ମାତାଜୀଙ୍କର ଶବ ସତ୍କାର ସହିତ ସମସ୍ତ ସଂସ୍କାର କର୍ମ ସ୍ୱାମୀଜୀ ମହାରାଜ ସ୍ୱହସ୍ତରେ ସମାପନ କରିଥିଲେ। ଦୀନଦୁଃଖୀଙ୍କର ବନ୍ଧୁ ଚିଦାନନ୍ଦ ଖାଲି ମଣିଷଙ୍କ ପାଇଁ ନୁହେଁ ପରନ୍ତୁ ପଶୁପକ୍ଷୀ, କୀଟପତଙ୍ଗ ଓ ବୃକ୍ଷଲତା ମାନଙ୍କ ପାଇଁ ମଧ ଗଭୀର ଭାବେ ଚିନ୍ତା କରୁଥିଲେ।

ସ୍ୱାମୀ ଚିଦାନନ୍ଦ ଥିଲେ ଜଣେ ବିରଳ ମହାତ୍ମା। ତାଙ୍କ ପାଖରୁ କେହି ରିକ୍ତ ହସ୍ତରେ ଫେରୁ ନଥିଲେ। ପ୍ରାଣୀ ମାତ୍ରକେ ସମସ୍ତଙ୍କ ପାଇଁ ସେ ଥିଲେ ପରମ ହିତୈଷୀ। ସେ କହୁଥିଲେ ଯାହାର କେହି ନାହିଁ ତା' ପାଇଁ ଚିଦାନନ୍ଦ ଅଛି। ତାଙ୍କର କଥା ଓ କାର୍ଯ୍ୟ ସବୁବେଳେ ଏକ ଥିଲା। ସମାଜରେ ସବୁଠାରୁ ଘୃଣ୍ୟ, ସବୁଠାରୁ ଅବହେଳିତ କୁଷ୍ଠରୋଗୀ ମାନଙ୍କ ସେବା ଥିଲା ତାଙ୍କର ଜୀବନର ପରମ ବ୍ରତ। ପିଲାଦିନେ ତାଙ୍କ ପ୍ରାସାଦର ପାଖେ ପାଖେ କୁଷ୍ଠରୋଗୀମାନଙ୍କ ପାଇଁ ଝୁମ୍ପୁଡ଼ି ତିଆରି କରି ସେମାନଙ୍କୁ ଈଶ୍ୱର ଜ୍ଞାନରେ ସେବା କରୁଥିଲେ। ଜୀବନ ସାରା ସେ ସେହି ସେବାରୁ ବିରତ ହୋଇନାହାଁନ୍ତି।

ସେହି ମହାତ୍ମାଙ୍କର ଜନ୍ମ ଦକ୍ଷିଣ ଭାରତର ମାଙ୍ଗାଲୋର ସହରରେ ଅର୍ଥାତ୍ ୨୪.୦୯.୧୯୧୬ ଦିନ ଏକ ଏକ କୁଳୀନ ସଂସ୍କାର ସମ୍ପନ୍ନ ବ୍ରାହ୍ମଣ ପରିବାରରେ ହୋଇଥିଲା। ମାତା ସରୋଜିନୀ ଦେବୀ ଓ ପିତା ଶ୍ରୀନିବାସ ରାଓ ପିଲାର ନାମ ରଖିଥିଲେ ଶ୍ରୀଧର। ଅତି ଛୋଟବେଳୁ ତାଙ୍କ ଭିତରେ ଦିବ୍ୟତାର ଅନେକ ବିଲକ୍ଷଣ ଦେଖି ନିଜର ଲୋକମାନେ ତାଙ୍କୁ ସିଦ୍ଧ ବୋଲି ସମ୍ବୋଧନ କରୁଥିଲେ। ପ୍ରକୃତରେ ତାଙ୍କ ନାମକୁ ସାର୍ଥକ କରି ସେ ଥିଲେ ଶ୍ରୀଧର ଓ ସିଦ୍ଧ। ଗୁରୁଦେବ ସ୍ୱାମୀ ଶିବାନନ୍ଦ ଥରେ କହିଥିଲେ - 'ସେ ଜଣେ ଜନ୍ମସିଦ୍ଧ ଜୀବନମୁକ୍ତ ଯୋଗୀ। ଏହା ତାଙ୍କର ଶେଷ ଜନ୍ମ।' 'ସ୍ୱାମୀ ଚିଦାନନ୍ଦ ପ୍ରକୃତରେ ମୋର ଗୁରୁ ହେବାକଥା ହେଲେ କୌଣସି ପ୍ରାରବ୍ଧ କାରଣରୁ ଏବେ ମୁଁ ତାଙ୍କର ଗୁରୁ ହୋଇଛି।'

ମାଡ୍ରାସର ପ୍ରସିଦ୍ଧ ଲୟେଲା କଲେଜରୁ ଉଚ୍ଚଶିକ୍ଷା ସମାପ୍ତି ପରେ ସେ ବିମାନ ଚାଳକ ଭାବେ ଚାକିରି ପାଇଁ ମନୋନୀତ ହୋଇଥିଲେ ହେଲେ ସାଧୁ ହେବାର ଆକର୍ଷଣ ଓ ତୀବ୍ର ବୈରାଗ୍ୟ ତାଙ୍କୁ ଭୋଗବିଳାସରୁ ନିବୃତ୍ତ କରି ହିମାଳୟର ଗଙ୍ଗାକୂଳରେ ତପସ୍ୟା ପାଇଁ ଟାଣି ଆଣିଥିଲା। ଛାତ୍ର ଅବସ୍ଥାରେ ସ୍ୱାମୀ ଶିବାନନ୍ଦଙ୍କ ସହ ପତ୍ର ଦ୍ୱାରା ସଂଯୋଗ ସ୍ଥାପନ କରିଥିଲେ। ପରେ ୧୯୩୯ ମସିହା ଗୁରୁପୂର୍ଣ୍ଣିମା ଦିନ ଶିବାନନ୍ଦଙ୍କୁ ଦର୍ଶନ କରି ତାଙ୍କ ପାଦତଳେ ନିଜକୁ ସମର୍ପଣ କରିଦେଇଥିଲେ। ଶିବାନନ୍ଦ ଆଶ୍ରମରେ ଯୋଗଦେବା ପରେ ତାଙ୍କୁ ପ୍ରଥମେ ଶିବାନନ୍ଦ ଦାତବ୍ୟ ଚିକିତ୍ସାଳୟରେ ସେବା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତାଙ୍କ ମଧୁର ଭାଷା, ଆନ୍ତରିକ ସେବା ଓ ହାତରେ ସ୍ପର୍ଶରେ ଆକୃଷ୍ଟ ହୋଇ ଧୀରେ ଧୀରେ ସେହି ଚିକିତ୍ସାଳୟରେ ରୋଗୀମାନଙ୍କର ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧି ପାଇଥିଲା। ମଣିଷ ତ ମଣିଷ ଏପରିକି ଇତର ପଶୁପକ୍ଷୀ କୀଟପତଙ୍ଗ ମଧ ତାଙ୍କ ସେବା ଶୁଶ୍ରୁଷାରେ ନବ ଜୀବନ ଲାଭ କରୁଥିଲେ। ସେ ଥିଲେ ଜିଜ୍ଞାସୁ ଓ ମୁମୁକ୍ଷୁ ମାନଙ୍କ ପାଇଁ ଅଧ୍ୟାତ୍ମ ଆକାଶର ଧ୍ରୁବତାରା। ଧର୍ମ, ମତ, ପନ୍ଥ ନିର୍ବିଶେଷରେ ସମସ୍ତେ ତାଙ୍କୁ ଯଥୋଚିତ୍ତ ସମ୍ମାନ ପ୍ରଦର୍ଶନ କରୁଥିଲେ। ସେ ଜଣେ ବହୁ ଭାଷାବିତ୍ ମହାନ ପ୍ରବକ୍ତା, ସୁଲେଖ ତଥା ବହୁ ପୁସ୍ତକର ପ୍ରଣେତା। ତାଙ୍କ ରଚିତ ପୁସ୍ତକ ସବୁ ବିଶ୍ୱ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ରତ୍ନ। ବିଶ୍ୱ ବିଭିନ୍ନ ଭାଷାରେ ତାହାସବୁ ଆଦୃତ, ଅନୁଦିତ ଓ ପ୍ରକାଶିତ। ପାଶ୍ଚାତ୍ୟ ଦେଶରେ ତାଙ୍କୁ ଶାନ୍ତିଦୂତ ଓ ଭାରତର ସେଣ୍ଟଫ୍ରାନସିସ୍ ବୋଲି କହୁଥିଲେ। ଆଜି ସେହି ମହାତ୍ମାଙ୍କର ଶତବାର୍ଷିକ ଉତ୍ସବ ବିଶ୍ୱର କୋଣେ ଅନୁକୋଣେ ପାଳିତ ହେଉଛି। ଭାରତ ସରକାର ମଧ ତାଙ୍କ ସମ୍ମାନାର୍ଥେ ଏକ ପାଞ୍ଚ ଟଙ୍କିଆ ରଙ୍ଗିନ ଡାକଟିକେଟ ପ୍ରକାଶିତ କରି ତାଙ୍କୁ ସମୁଚିତ ସମ୍ମାନ ପ୍ରଦର୍ଶନ କରିଛନ୍ତି। ଚିର ଚିନ୍ମୟ ସ୍ୱାମୀ ଚିଦାନନ୍ଦଙ୍କ ଦିବ୍ୟତାର ତୁଳନା ନାହିଁ। ଅତ୍ୟନ୍ତ ବିରଳ ଓ ବିଲକ୍ଷଣ ମହାତ୍ମା।

**ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬ଡ଼ି, ସେକ୍ଟର-୧୦, ସିଡ଼ିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬**



# ଶତାୟୁ ସାରସ୍ୱତ ସାଧକ
# ସୁଧାଂଶୁ ଶେଖର ବେହେରା



ଶ୍ରୀଅରବିନ୍ଦଙ୍କ ଭାଷାରେ 'ସମଗ୍ର ଜୀବନ ହିଁ ଯୋଗ।' ମାତ୍ର ସେହି ଯୋଗର ମାର୍ଗରେ ଥାଏ ବିବିଧତା। ପ୍ରଭୁଙ୍କ ନିର୍ଦ୍ଦେଶ ଥାଏ କିଏ କେମିତି ଭାବରେ ସଂସାରରେ ଉପସ୍ଥାପିତ ହେବ। କିଏ କେତେ ଆୟୁଷ ନେଇ କେଉଁ କର୍ମରେ ନିୟୋଜିତ ହେବ। ସବୁ ସେହି ବିଶ୍ୱ ଠାକୁରଙ୍କର ନିର୍ଦ୍ଦେଶରେ ପ୍ରଣୟନ। ସେହି ରଚନାବଳୀ ମଧ୍ୟରେ ଜଣେ ଜଣେ ତ୍ୟାଗୀ ଦିବ୍ୟ ମଣିଷଙ୍କର କିଛି କର୍ମର ରଚନା ଲେଖାଯାଇଥାଏ। ସେମାନଙ୍କ ପ୍ରାଣସତ୍ତାକୁ ପୁଷ୍ଟିତ କରାଏ। ମରିଯିବା ପରେ ହିଁ ସେମାନେ ବଞ୍ଚି ରହନ୍ତି। ସେମାନଙ୍କୁ ବଞ୍ଚାଇ ରଖେ ସେମାନଙ୍କ ଦିବ୍ୟ କର୍ମ ଧାରା। ସେହିପରି ଜଣେ ଜ୍ୟୋତିର୍ମୟ ମଣିଷ ଥିଲେ ଶତାୟୁ ସାରସ୍ୱତ ସାଧକ କବି ସୁଧାଂଶୁ ଶେଖର ବେହେରା। ସେ ପରମ ଆନନ୍ଦମୟ ବ୍ୟକ୍ତିତ୍ୱ ଆମ ଗହଣରୁ ଚାଲିଯାଇଛନ୍ତି ବୋଲି ତ ଆମେ ଝୁରି ହେଉଛନ୍ତି। ଆଖିକୁ ଅଶ୍ରୁଳ କରୁଛନ୍ତି।

ଜନ୍ମରୁ ତାଙ୍କର ତାଙ୍କ ଚତୁର୍ଦ୍ଦିଗରେ ଥିଲା ଅସହାୟତାର ନିଃସଙ୍ଗ ଚିତ୍ର। ଅର୍ଥାତ୍ ଶୈଶବରୁ ବାପା ମାଆଙ୍କୁ ହରାଇଥିଲେ। ଭଦ୍ରକ ନଳାଙ୍ଗ ନିକଟ ମୂଳ ଗାଁରେ ତାଙ୍କର ଜନ୍ମ। ପାଖ ଗାଁ ଆଦମପୁର ମାଉସୀଙ୍କ ଘରେ ଲାଳନପାଳନ ହେଲେ। ତାଙ୍କ ମଉସା କୋଲକତାରେ କମ୍ପାନୀରେ କାମ କରୁଥିଲେ। ସେ ବାଳକ ସୁଧାଂଶୁଙ୍କୁ ସାଥିରେ ନେଇଗଲେ। ଇଂରେଜମାନେ କୋଲକାତା କ୍ଲବ ନାମରେ ସଂଗଠନଟିଏ କରିଥାନ୍ତି। ସେହି କ୍ଲବରେ କାମ କରନ୍ତି। ରାତିରେ ସେଠାରେ ଥିବା ନୈଶ୍ୟ ବିଦ୍ୟାଳୟରେ ମାତ୍ର ତୃତୀୟ ଶ୍ରେଣୀ ଯାଏ ପାଠ ପଢ଼ିଲେ। ସେଇ ବୟସରୁ ତାଙ୍କ ଭିତରେ ସାହିତ୍ୟ, ସଂଗୀତ ପରି କଳାତ୍ମକ ଚିନ୍ତନ ଆପେକୁ ଆପେ ଅଙ୍କୁରୋଦଗମ୍ ହେଉଥାଏ। ସେଠାରେ କିଛି ସଂଗୀତ ଗୁରୁଙ୍କ ସଂପର୍କରେ ସଂପର୍କିତ ହୋଇଥିଲେ। କବିତା ଲେଖି ଆସନ୍ତାକାଲି ପତ୍ରିକାକୁ ଦେଇଥିଲେ। ତାହା ମଧ ପ୍ରକାଶ ପାଇଥିଲା। ସେତେବେଳେ ଆସନ୍ତାକାଲି ପତ୍ରିକା କୋଲକାତା ବରାଳଷ୍ଟ୍ରିଟ୍‌ରୁ ପ୍ରକାଶ ପାଉଥିଲା। ତାଙ୍କର ବଳିଷ୍ଠ ଲେଖା ଦେଖି ସେତେବେଳର ସାହିତ୍ୟିକ ତାଙ୍କୁ ସଶ୍ରଦ୍ଧା ଆଶିଷ କରିଥିଲେ।

କିଛି ଦିନ ପରେ କିଶୋର ସୁଧାଂଶୁ ବଡ଼ଭାଇ ପଲ୍ଲୀ କବି କୃଷ୍ଣ ପ୍ରସାଦ ବେହେରାଙ୍କ ପାଖରେ ପହଞ୍ଚିଲେ। ସେତେବେଳେ କୃଷ୍ଣ ବାବୁ ବାଲେଶ୍ୱର ଅଭଣାରେ ସ୍ଥାୟୀ ଯାତ୍ରାଦଳଟିଏ କରି ସେଠାରେ ରହୁଥାନ୍ତି। ସେ ତ ଜଣେ ବଳିଷ୍ଠ ନାଟ୍ୟକାର ଥିଲେ। କିନ୍ତୁ ତାଙ୍କ ଜୀବନକୁ ବି ସେ ନାଟକୀୟ ଢଙ୍ଗରେ ଗଢ଼ିଛନ୍ତି। ଏନ୍ତୁଡ଼ି ଶାଳରୁ ମଶାଣୀ ଯାଏ ସେ ଭିନ୍ନ ଭିନ୍ନ କର୍ମସ୍ଥଳୀକୁ ଆପଣେଇ ନେଇଥିଲେ। ଜନ୍ମ ଗୋଟିଏ ସ୍ଥାନରେ ବାଲ୍ୟ ଜୀବନ ଗୋଟିଏ ସ୍ଥାନରେ, ସଂସାରିକ ଜୀବନ ଗୋଟିଏ ସ୍ଥାନରେ, ଆଧ୍ୟାତ୍ମିକ ସାଧନା ଗୋଟିଏ ସ୍ଥାନରେ ଓ ମୃତ୍ୟୁ ଗୋଟିଏ ସ୍ଥାନରେ। ଏସବୁ ପରିସ୍ଥିତି ଯାହା ମୋର ଜ୍ଞାତ, ତାହା ସଂକ୍ଷିପ୍ତିରେ ଉପସ୍ଥାପନା କରୁଛି।

ପ୍ରାୟତଃ ୧୯୬୦ ମସିହାର କଥା। ତିହିଡ଼ି ଥାନା ଅନ୍ତର୍ଗତ ବାହାବଳପୁର ଅଞ୍ଚଳରେ ଯାତ୍ରାଦଳଟିଏ କରିବା ପାଇଁ କେତେଜଣ କଳାପ୍ରେମୀ ପଲ୍ଲୀକବି କୃଷ୍ଣ ବେହେରାଙ୍କ ପାଖରେ ପହଞ୍ଚି ମନର କଥା ନିବେଦନ କଲେ। ମହାନୁଭବ କୃଷ୍ଣ ବାବୁ ଖୁସି ହୋଇ କହିଲେ - 'ଠିକ୍ ଅଛି। ମୁଁ ଏବେ ଏଠାରୁ ଛାଡ଼ି ଯାଇ ପାରିବି ନାହିଁ। ତୁମେ ମୋ ସାନ ଭାଇ ସୁଧାଂଶୁକୁ ନେଇଯାଅ। ସେଠାରେ ପିଲାଙ୍କୁ ନାଚ, ଗୀତ, ହାରମୋନିୟମ ଶିକ୍ଷା ଆରମ୍ଭ କରୁ।' ସେ ସେଠାରେ ରହିଲେ ମୁଁ ନିଶ୍ଚୟ ଯିବି। ଆଉ ଯାତ୍ରା ଦଳ ନିଶ୍ଚୟ କରିବା। ତାହା ହିଁ ହେଲା। ସୁଧାଂଶୁ ବାବୁ ସେମାନଙ୍କ ସହିତ ଆସିଲେ। ବାହାବଳପୁରସ୍ଥ ପରମାନନ୍ଦପୁରରେ ରହି ଆରମ୍ଭ କଲେ ତାଙ୍କର ନାଟ୍ୟକାର ଜୀବନ। କିଛି ଦିନ ପରେ କୃଷ୍ଣ ବାବୁ ଆସିଲେ। ଦୀର୍ଘ ପନ୍ଦର ଦିନ ରହି ଯାତ୍ରା ଦଳଟିଏ ସଜାଡ଼ିଲେ। ସେହିଠାରୁ ଜନ୍ମ ନେଲା 'ବଡ଼ମାଷ୍ଟ୍ରେ ସାନମାଷ୍ଟ୍ରେର ସମ୍ବୋଧନ ଉଚ୍ଚାରଣ।'

କୃଷ୍ଣ ବାବୁ କେତେ ଜଣ ମୁଖିଆଙ୍କୁ କହିଲେ ଯେ ଆମର ଘରଦ୍ୱାର କିଛି ନାହିଁ। ତୁମେ ସୁଧାକୁ ଏଠାରେ ଜାଗା ଦେଇ ଘର ଖଣ୍ଡେ କରିଦିଅ। ଘର ହେଲେ ମୁଁ ସବୁବେଳେ ଆସିବି। ତା'ପରେ ମନ୍ତେଇ ନଈକୂଳିଆ ଗାଁ ଦକ୍ଷିଣ ସାହିରେ ଘର ତିଆରି କରିଦିଆଗଲା। ଘରଡ଼ିହ ବି ତାଙ୍କ ନାମରେ ନାମିତ କରାଗଲା। ସ୍ଥାୟୀ ବାସିନ୍ଦା ଭାବରେ ସେ ଦକ୍ଷିଣ





ସାହିରେ ରହିଲେ। ଏହିଠାରେ ତାଙ୍କର ବିବାହ ହେଲା। ଘର ସଂସାରର ମହାନାଟକ ଚାଲିଲା। ତା'ପରେ ସେ ବିଭିନ୍ନ ସ୍ଥାନରେ ଯାତ୍ରା ଦଳ କରି ସୁନାମ ଅର୍ଜନ କଲେ।

ଯାତ୍ରା ଦଳରୁ ଅବସର ନେବା ପରେ ଆଦର୍ଶ କୃଷକ ଭାବରେ କୃଷି କାର୍ଯ୍ୟ କଲେ। ତା'ପରେ ହୋମିଓ ପ୍ୟାଥିକ ଚିକିତ୍ସକ ଭାବରେ ଚିକିତ୍ସା ଆରମ୍ଭ କଲେ। କମାରିଆଠାରେ ଆରମ୍ଭ କଲେ ଗୋଟିଏ ଦୋକାନ। ଯାହାର ନାମ ଦେଲେ 'ବିବିଧ କର୍ମ ମନ୍ଦିର'। ସେଠାରେ ହୋମିଓ ପ୍ୟାଥିକ ଚିକିତ୍ସା ସହିତ ଘଡ଼ି, ରେଡ଼ିଓ, ହାରମୋନିୟମ ପ୍ରଭୃତି ମେକାନିକ୍ କାର୍ଯ୍ୟ କରିବାକୁ ଲାଗିଲେ। ଅବସର ସମୟରେ ନାଟକ ଓ ଗୀତି କବିତା, ଶିଶୁ କବିତାରେ କଲମ ଚଳାଉଥାନ୍ତି।

ହଠାତ୍ କୌଣସି କାରଣ ପାଇଁ ଦକ୍ଷିଣ ସାହିର ଜମିବାଡ଼ି ବିକ୍ରି କରି କମାରିଆ ପଳାଇ ଆସିଲେ। କମାରିଆରୁ ମାର୍କୋଣାରେ ଥିବା ଶ୍ରୀ ଅରବିନ୍ଦ ବିଦ୍ୟାଳୟକୁ ଚାଲି ଯାଇଥିଲେ। ସେଠାରେ ତାଙ୍କର ଜଣେ ଅନ୍ତରଙ୍ଗ ଶ୍ରଦ୍ଧାବନ୍ଧ ଧୀରେନ୍ଦ୍ର ବଳଙ୍କ ସହାୟ ଲୋଡ଼ିଥିଲେ। ସେହି ନବୋଦ୍ୟମ ଆନୁକୁଲ୍ୟରେ ସିନ୍ଦୋଳ ସଦରବଳିଆ ଠାରେ କିଛି ଜମି କିଣା ଯାଇଥାଏ। ତା'ର ନାଁ ଦିଆଯାଇଥାଏ 'ସାବିତ୍ରୀ ବିହାର'। ସେହିଠାରେ ତାଙ୍କୁ ସ୍ଥାୟୀତ୍ୱ କରି ଦିଆଗଲା। ସେଠାରେ ପିଲାଛୁଆ ଛାଡ଼ି ସେ ନବୋଦ୍ୟମ ମାର୍କୋଣାକୁ ଚାଲି ଆସିଲେ। ସେଠାରେ ସେ ମାଆ ଶ୍ରୀ ଅରବିନ୍ଦଙ୍କ ପ୍ରତି ଆକର୍ଷିତ ହୋଇ ଦୀର୍ଘ ବର୍ଷ ସାରସ୍ୱତ ସାଧନାରେ ବ୍ରତୀ ହୋଇ ଅନେକ ଶିଶୁ ସାହିତ୍ୟ ରଚନା କରିଥିଲେ। ସେହି ଦିବ୍ୟ ଭବଭୂମି ନବୋଦ୍ୟମର ସାରସ୍ୱତ ସାଧନା ମଧ୍ୟରୁ ପଦ୍ୟାଂଶରେ ପ୍ରଭୁ ଶ୍ରୀ ଅରବିନ୍ଦଙ୍କ ଜୀବନୀ ପଦ୍ୟାଂଶରେ ରଚନା କରି ଶ୍ରେଷ୍ଠ ପୁସ୍ତକ ଆମକୁ ଭେଟି ଦେଇ ଯାଇଛନ୍ତି।

ଜଣେ ଭିନ୍ନ ଭିନ୍ନ ଚିତ୍ରରେ ଚିତ୍ରିତ ଦକ୍ଷ ମଣିଷ ଥିଲେ। କୌଣସି ଅନୁଷ୍ଠାନ ତାଙ୍କୁ କବି ପିୟୁଷ ଉପାଧିରେ ଅଭିହତ କରିଥିଲା। ଏକ ଧାରରେ ସେ ଥିଲେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଅଭିନେତା, ଗୀତିକାର, ସ୍ୱରକାର, ବାଦ୍ୟକାର, କଣ୍ଠଶିଳ୍ପୀ ଓ ଶିଶୁ ସାହିତ୍ୟିକ। ତାଙ୍କର ଅନବଦ୍ୟ ରଚନା ମଧ୍ୟରେ, ଫୁଲ ଫସଲ, କାଞ୍ଚି ଅଭିଯାନ, ମୁଁ ଧରମା କହୁଛି ପ୍ରଭୃତି ଅନ୍ୟତମ। ଶହେ ତିନି ବର୍ଷରେ ସେ ଦେହତ୍ୟାଗ କରିଛନ୍ତି। ସେହି ଶତାୟୁ ସାରସ୍ୱତ ସାଧକଙ୍କୁ କୋଟି କୋଟି ପ୍ରଣାମ ଆଉ ସଭକ୍ତି ଶ୍ରଦ୍ଧାଞ୍ଜଳୀ ଜଣାଉଛି।' ତାଙ୍କର ଆତ୍ମା ଅମୃତ ପ୍ରାପ୍ତି ହେଉ। ଶ୍ରୀ ଅରବିନ୍ଦଙ୍କ ପାଦ ପଦ୍ମରେ ନିବେଦନ।

**ବାଇଧର ନାୟକ**
**ତିହିଡ଼ି, ଭଦ୍ରକ**

ଅପେରା ଆଇଟମ୍

ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ପାଠ ପଢ଼େଇବା ଛାଡ଼ି ମାତିଲି ନାଟରେ : ନିର୍ଦ୍ଦେଶକ ଗୁରୁ ମିଶ୍ର

କଳାର ମାୟାରେ କେଉଁ ଦିନରୁ ପଡ଼ି ସାରିଥିଲେ ଗୁରୁ ମିଶ୍ର। ଜେଜେ ବାପା ନାଟ୍ୟଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର, ସଂପର୍କୀୟ ବଡ଼ବାପା ନାଟ୍ୟ କଳାଭୂଷଣ ପିତାମ୍ବର ମିଶ୍ରଙ୍କ ଠାରୁ ପ୍ରେରଣା ପାଇ ଆଗକୁ ଆସିଛନ୍ତି। ବାପା ସ୍ୱର୍ଗତ ପ୍ରଫୁଲ୍ଲ ମିଶ୍ର ଓ ବଡ଼ ଭାଇ ଦେବାଶିଷ ମିଶ୍ର ନାଟୁଆ ଥିଲେ। ଏହି ସୂତ୍ରରେ ନାଟକ ପ୍ରତି ଆଗ୍ରହ ଦେଖାଇବା ଓ ପରବର୍ତ୍ତୀ ସମୟରେ ବାନ୍ଧି ହୋଇଯିବା ପରେ ଜୀବନର ମୋଡ଼ ଅଲଗା ହୋଇଯାଇଥିଲା। ପ୍ରଥମେ ସୁଯୋଗ ମିଳିଥିଲା ଇଂ ଆଶୁତୋଷ ମହାପାତ୍ରଙ୍କ ସହ କାମ କରିବାକୁ। ତୁଳସୀ ଗଣନାଟ୍ୟର କେମିତି ଏ ବନ୍ଧନରେ ସହ ନିର୍ଦ୍ଦେଶକ ଭାବରେ କାମ କରିଥିଲି। ପରିବାରରେ ଜେଜେବାପା ଓ ବଡ଼ବାପାମାନେ ଏହି କଳାରେ ନିଜକୁ ଖାଲି ସମର୍ପି ଦେଇ ନଥିଲେ, ସେମାନଙ୍କର ବି ଅନେକ ନାଁ ଥିଲା। କିଛିବର୍ଷ ପଛକୁ ଫେରିଗଲେ ଦର୍ଶକଙ୍କ ନିକଟରେ ସେମାନେ ବି ଖୁବ ପରିଚିତ ଥିଲେ।



ସମୟାନୁସାରେ ଉତ୍ତରାଧିକାରୀ ଭାବରେ ଗୁରୁ ମିଶ୍ରଙ୍କ ବୃତ୍ତି ଶିକ୍ଷକତା ହେଲେ ବି ପ୍ରବୃତ୍ତି କିନ୍ତୁ କଳାରେ ବାନ୍ଧି ହୋଇରହିଛି। ଛୋଟବେଳୁ କଳା ପ୍ରତି ଯେଉଁ ଦୁର୍ବଳତା ରହିଥିଲା, ତାହା ପରବର୍ତ୍ତୀ ସମୟରେ ନିଶା ହୋଇଗଲା। ନା ଯାତ୍ରାକୁ ସେ ଛାଡ଼ିପାରିଲେ, ନା ଯାତ୍ରା ତାଙ୍କୁ ଛାଡ଼ିଲା। ଦର୍ଶକ ବି ବନ୍ଧା ପଡ଼ିଗଲେ ଗୁରୁଙ୍କ ପ୍ରେମରେ। ତାଳି ଓ ଗାଳି ଗୁରୁଙ୍କ ପାଇଁ ସେମିତି କିଛି ଫରକ ପକାଇନି ନିଜ କ୍ୟାରିୟର ପାଖରେ। କଳାକୁ ସେ ଭଲ ପାଆନ୍ତି ଓ କଳା ପାଇଁ ସାରା ଜୀବନ କାମ କରିବାର ଅଭିଳାଷ ତାଙ୍କୁ ଆଜି ଓଡ଼ିଶାର ଅଗଣିତ ଦର୍ଶକଙ୍କ ନିକଟରେ ବେଶ୍ ପରିଚିତ କରାଇ ପାରିଛି। ଇଂ ଆଶୁତୋଷ ମହାପାତ୍ରଙ୍କ ଦ୍ୱାରା ପ୍ରଭାବିତ ହୋଇ ଯାତ୍ରାରେ ସେମିତି ଏକନିଷ୍ଠ ହୋଇ ରହିଯାଇଛନ୍ତି। ଧଉଳି ଗଣନାଟ୍ୟରେ ନିଜ ରଚନା ଓ ନିର୍ଦ୍ଦେଶନାରେ 'ମୁଠାଏ ସପନ ମୁଠେ ପାଉଁଶ'ରେ ନିଜ କ୍ୟାରିୟର ଆରମ୍ଭ କରିଥିଲେ ସୁଦ୍ଧା ସେ କେବଳ ନିର୍ଦ୍ଦେଶନାରେ ଅନେକ ବାଟ ଅତିକ୍ରମି ଆସିଲେଣି। ଧଉଳି, କୋଣାର୍କ, ଶିବାନୀ, ବାଘାଯତୀନ, ଗୌରୀ, ଇଷ୍ଟର୍ଣ୍ଣ, ତୁଳସୀ, କଳିଙ୍ଗ, ସ୍ୱପ୍ନ ମହଲ ଆଦି ଅଧିକାଂଶ ଯାତ୍ରାନୁଷ୍ଠାନରେ ସେ ନିଜ ନିର୍ଦ୍ଦେଶନାର ଯାଦୁ ଦେଖାଇ ସାରିଛନ୍ତି। କୋଣାର୍କ ଗଣନାଟ୍ୟର ନାଟକ ଓ ଡ.ଦୀପକ ଜେନାଙ୍କ ରଚିତ 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ବେଶ ଚର୍ଚ୍ଚାରେ ରହିଥିବାବେଳେ ଶହ ଶହ ରାତି ପ୍ରଦର୍ଶିତ ହୋଇ ଚହଳ ସୃଷ୍ଟି କରିଛି। 'ତୋ ଆଖିର ଲୁହ ଭଲ ଲାଗୁଛି', 'ରାଜଧାନୀର ରାଜା ଆଚାର୍ଯ୍ୟ', 'ବେଇମାନ ସ୍ୱାମୀ', 'କହ ଗୌର ଦାସ କାହାର ଦୋଷ', 'ଦୈତାରୀ ପଣ୍ଡା ବାହା ହେଉଛି', 'ମଣିଷ ଦେଖିଲେ ଡର ମାଡୁଛି', 'ବଦନାମ ହେଲି ତୋରି ପାଇଁ', 'ଆଖି ଅବୁଝାକୁ ଲୁହ ଅବୁଝା', 'ତୋ ନାଁରେ ମୋ ନାଁକୁ ଦେଇଛି ଯୋଡ଼ି', 'ତୋ ବିନା ମୋ କାହାଣୀ ଅଧା', 'ଭୁବନେଶ୍ୱର ନୁହେଁ କାହାର', 'ବଉଲୋ ମୁଁ ବୋହୂ ହେବିନି', 'କାହାଣୀ କାନ୍ଦୁଛି ଆଖି ଲୁଚେଇ', 'ଆଲୋ ମୋର କଣ୍ଢେଇ' ଆଦି ନାଟକରେ ଗୁରୁଙ୍କର ନିର୍ଦ୍ଦେଶନାକୁ ଦର୍ଶକ ତନ୍ନ ତନ୍ନ କରି ମନେ ରଖିଛନ୍ତି। କଳାକାର ହୁଅନ୍ତୁ ବା ଦର୍ଶକ, ସମସ୍ତେ ଗୁରୁଙ୍କର ଭିନ୍ନତାକୁ ବେଶ ଗୁରୁତ୍ୱ ଦିଅନ୍ତି। 'କଳାର ଉତ୍କର୍ଷ ମାଟି ଉତ୍କଳରେ ଯାତ୍ରା କିନ୍ତୁ ଖୁବ୍ ଅବହେଳିତ ଅବସ୍ଥାରେ ରହିଛି। ସରକାର ଏଥିପ୍ରତି ଦୃଷ୍ଟି ଦେବା ନିହାତି ଦରକାର। କଳା ବଞ୍ଚିଲେ କଳାକାର ବଞ୍ଚିବେ ଓ କଳାକୁ ଜୀବିକା କରୁଥିବା ସମସ୍ତ କଳାକାର ବି ଏହାକୁ ନେଇ ବଞ୍ଚିପାରିବେ' ବୋଲି କୁହନ୍ତି ଗୁରୁ ମିଶ୍ର। ମୁଁ ନିଜର କୃତିତ୍ୱକୁ ନେଇ ଖୁସି ଥାଏ, କାହାକୁ ପ୍ରତିଦ୍ୱନ୍ଦୀ ବୋଲି ଭାବେନାହିଁ।



ଅନୁପମା

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ- 'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com